ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

## ଏହି ସଂସ୍କରଣରେ ଅଛି:

| | |
|---|---|
| ସଂପାଦକୀୟ | ୧ |
| ସନ୍ଧ୍ୟାଦୀପ | ୨ |
| ଦମ୍ଭ | ୩ |
| ଆମ ଗାଁ ହାଲ୍‌ଚାଲ | ୫ |
| ଭାଗ୍ୟ | ୧୦ |
| ରଥେ ତୁ ବାମନଂ ଦୃଷ୍ଟ୍ୱା | ୧୨ |
| ଇ-ବୁକ୍ ଷ୍ଟୋର | ୧୫ |
| ପାଠାଗାର | ୧୮ |
| ଶସ୍ତାରେ ବିମାନ ଭ୍ରମଣ | ୧୯ |
| ହ୍ରସ୍ୱ ନା ଦୀର୍ଘ | ୧୯ |
| ଜନ୍ମଦିନ-୧ | ୨୦ |
| ଜନ୍ମଦିନ-୨ | ୨୧ |
| ଜନ୍ମଦିନ-୩ | ୨୨ |
| ଧନ୍ୟ ଆମେ ଓଡିଆ | ୨୪ |
| ବିଜ୍ଞାପନ ସୂଚନା | ୨୮ |

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ପବିତ୍ର ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ ଆହ୍ୱାନ ପରିବାର ତରଫରୁ ଆହ୍ୱାନର ସମସ୍ତ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ମହାପ୍ରଭୁଙ୍କ କୃପାରୁ ସମସ୍ତେ ଶାନ୍ତିର ସହ ଆନନ୍ଦରେ ରହନ୍ତୁ, ଏହାହିଁ ଆମର କାମନା ।

ଏହି ସଂସ୍କରଣଠାରୁ ପରବର୍ତ୍ତୀ ପ୍ରତ୍ୟେକ ସଂସ୍କରଣରେ ଆହ୍ୱାନ ପତ୍ରିକାର ପ୍ରଚ୍ଛଦରେ ଏକ ଜଳଛବି ରହିବ । ଯାହାଦ୍ୱାରା ଏହି ପତ୍ରିକାକୁ କେହି ବି ନକଲ କରିପାରିବେ ନାହିଁ, ଏବଂ ଏତଦ୍‌ବ୍ୟତୀତ ଏହି ପତ୍ରିକାରେ ବିଜ୍ଞାପନ ପାଇଁ ମଧ୍ୟ ସ୍ଥାନ ରହିବ ।

## ସଂପାଦକୀୟ

ଚଳିତ ସଂସ୍କରଣକୁ ଆପଣ ମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଉଛି । ଏହି ସଂସ୍କରଣ ଉନ୍ମୋଚନ ହେବା ବେଳକୁ କର୍ମବ୍ୟସ୍ତତା ଭିତରେ ଥାଇ, ଏହାକୁ ଉପସ୍ଥାପନ କରିବାର ଦୁ:ସାହସ କରିଛି, ଯଦି କୌଣସି ଭୁଲ ଥାଏ ତେବେ ବିଜ୍ଞ ପାଠକ କ୍ଷମାଦେବେ । ଚଳିତ ସଂସ୍କରଣ ଏକ ନୂତନତ୍ୱ ଆଣିଛି । ଯଦିଓ ଦୀର୍ଘ ଦୁଇବର୍ଷର ଅନୁଭୂତି ମୋତେ ଅତ୍ୟନ୍ତ ଆନନ୍ଦ ଦେଇଛି, ତଥାପି ଅର୍ଥାଭାବର ଶୀକାର ହେବା ଛଡା ଅନ୍ୟୋପାୟ ମୁଁ ପାଇନି । ତେଣୁ ବାଧ୍ୟ ହୋଇ ଚଳିତ ସଂସ୍କରଣରୁ ଏହି ପତ୍ରିକାରେ ବିଜ୍ଞାପନ ବିଭାଗ ଖୋଲିବା ପାଇଁ ନିଷ୍ପତ୍ତି ନେଇଛି । ଅବଶ୍ୟ ଏହାଦ୍ୱାରା ଆପଣ ମାନଙ୍କ ମନୋରଞ୍ଜନରେ କୌଣସି ପ୍ରକାର ବାଧା ନ ପହଞ୍ଚେ ସେହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେଇଛି । ଏହି ପତ୍ରିକା ଏବଂ ଏହାର ୱେବ୍‌ସାଇଟ୍‌ରେ ବିଜ୍ଞାପନ ଦେବାପାଇଁ ଚାହୁଁଥିବା ବ୍ୟକ୍ତି ଓ ସଂସ୍ଥା ଆମର ୱେବ୍‌ସାଇଟ୍‌ର ବିଜ୍ଞାପନ ପୃଷ୍ଠା ନିଶ୍ଚୟ ଦେଖନ୍ତୁ ।

ଚଳିତ ସଂସ୍କରଣର କଳେବର ଛୋଟ ହେଉଥିବା ଦୃଷ୍ଟିରୁ ଏଥିରେ ସ୍ୱତନ୍ତ୍ର ଇ-ବୁକ୍ ଷ୍ଟୋର୍ ବିଜ୍ଞାପନ ଦିଆଯାଇଛି । ଏହି ବିଜ୍ଞାପନରୁ ଲବ୍ଧ ଅର୍ଥରେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସବୁ ହାତକୁ ନିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ ହୋଇଛି । ବିଭିନ୍ନ ସ୍ଥାନରେ ବିଜ୍ଞାପନ ପାଇଁ ଖାଲି ସ୍ଥାନ ଦିଆଯାଇଛି, ଏତଦ୍‌ବ୍ୟତୀତ, ରାଜ୍ୟ ରାଜନୀତି ଓ ଓଡିଶାର ସ୍ଥିତି ବିଷୟ ସମ୍ବଳିତ ଦୁଇଟି ଲେଖା ପ୍ରକାଶ ପାଇଛି । ଆମ ଗାଁ ହାଲ୍‌ଚାଲରେ ଗାଁ ନାଟର ପୂର୍ବାପର ପ୍ରସଂଗ ରହିଛି, ଏହା ବ୍ୟତୀତ ଜନ୍ମଦିନରେ ତିନୋଟି ପରିବାରର କାହାଣୀକୁ ସ୍ଥାନ ଦିଆଯାଇଛି । ଏହା ସହିତ କିଛି ଗଳ୍ପ ଓ କବିତାକୁ ସ୍ଥାନ ଦିଆଯାଇଛି ।

ଆଶା କରୁଛି, ଏହି ସଂସ୍କରଣ ଆପଣଙ୍କୁ ଆନନ୍ଦର ଏକ ନୂତନ ଖୋରାକ ଅବଶ୍ୟ ଯୋଗାଇଦେବ । ପୂର୍ବଥର ମାନଙ୍କ ପରି, ପୁଣିଥରେ ଅନୁରୋଧ କରୁଛି, ଆମର ଏହି ପତ୍ରିକାରେ ପ୍ରକାଶିତ ଅନେକ ଗଳ୍ପ ଓ କବିତା ବିଷୟରେ ନିଜ ମତ ଆମକୁ ଲେଖି ପଠାନ୍ତୁ ।

ଧନ୍ୟବାଦ

Aahwaan

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ସନ୍ଧ୍ୟାଦୀପ

କରୁଣା ଘରେ ବସି ବସି ବିରକ୍ତ ହେଉଥିଲେ ବି କିଛି କରି ପାରୁନଥିଲା । ପାଠ ପଢିବାର ଇଚ୍ଛା ଯୋଗୁଁ ବି ଏ ପରେ ଏମ୍ ଏ କରି ମଧ୍ୟ ସେ ଚାକିରୀଟିଏ ପାଇଁ ବାରଦୁଆର ଶୁଣ୍ଡିପିଣ୍ଡା ହେଲାଣି, ହେଲେ ଭାଗ୍ୟଦେବୀ ତା ଉପରେ ପ୍ରସନ୍ନ ଥିଲା ଭଳି ଜଣା ପଡୁନାହାନ୍ତି । ଏଣେ ବିବାହ ବୟସ ହେଲାପରେ ବି ଯୋଗ୍ୟ ବରର ଅଭାବ ତା ବାପା ମୁଣ୍ଡରୁ ଥିବା ବାଳତକ ଉଡେଇ ଦେଇଛି । ବୋଉ ତ ଚିର ରୁଗ୍ଣ । ତଳେ ଆଉ ଦି ଭଉଣୀ ଅଛନ୍ତି । ଅଧିକ ପାଠ ପଢିବା ସତ୍ତ୍ୱେ ବର ନ ମିଳିବା ଆଶ୍ଚର୍ଯ୍ୟ କଥା, ହେଲେ ପାଠୋଇ ଝିଅକୁ ଯୋଉ ବର ଯୁଟୁଛନ୍ତି, ସବୁ ଆଖିବୁଜା ଯଉତୁକ ବି ମାଗୁଛନ୍ତି । ଆଉ କରୁଣା ଦେଖିବାକୁ ସେତେ ସୁନ୍ଦରୀ ବି ନାହିଁ । କାଳି ଝିଅକୁ ବର ମିଳିବା କଷ୍ଟ । ବାପା ଝିଅର ପକ୍ଷ ନେଇ କଥା କହିଲା ବେଳକୁ ରୁଗ୍ଣ ବୋଉ ତା ଜୀବନକୁ ଅଧା କରି ସାରିଲାଣି । ମନା କରୁଥିଲା, ଝିଅକୁ ଅଧିକ ପଢାଅ ନାହିଁ ବୋଲି । ହେଲେ କନ୍ୟାସ୍ନେହରେ ବାପା ସେ କଥା ଶୁଣିଲେ ନାହିଁ । ଏବେ ସାନ ଦି'ଟାକୁ ପଢାଇବା କଥା କହିଲେ ବାପା ଚିନ୍ତାରେ ମୁଣ୍ଡଧରି ବସି ପଡୁଛନ୍ତି । ବଡ ଭଉଣୀର ବିବାହ ହେଉନଥିବା ଯୋଗୁଁ, ସାନ ଭଉଣୀ ମାନଙ୍କ କ୍ରୋଧର ଶିକାର ହେବା ସ୍ୱାଭାବିକ୍ ।

ନିର୍ମଳା କଲେଜ୍‌ରୁ ଫେରି ଘରେ ପଶୁ ପଶୁ ଘୋଷଣା କଲା, ତାକୁ ଚାକିରୀ ମିଳିଲା, ସେ କାଲିଠୁ ଚାକିରୀ କରିବ । ବୋଉ କେଡେ ଖୁସି ହେଇଗଲା । ଯା'ହେଉ ଘରେ ଦି ଜଣ ଦରମା ଆଣିଲେ ଭାଗ୍ୟ କାଳେ ବଦଳି ଯିବ । ଏକା ବାପାଟା କେତେ ଆଉ ସମ୍ଭାଳି ପାରନ୍ତା । ଏତେ କମ୍ ପାଠ ପଢି ତୋତେ କେମିତ ଚାକିରୀ ମିଳିଲା ବୋଲି ପ୍ରଶ୍ନ କଲାପରେ କରୁଣାକୁ ଯାଚ୍ଛାତା (ଯାହା ଇଚ୍ଛା ତାହା) କଥା କହି ନିର୍ମଳା ଘର ଭିତରକୁ ଚାଲିଗଲା । ବାପା କିଛି ବି ପ୍ରଶ୍ନ କଲେ ନାହିଁ । ମାସ ପୁର୍ତ୍ତି ହେଲାବେଳକୁ ରୁଗ୍ଣ ବୋଉ ଦରମା କଥା କହିବା ପରେ ନିର୍ମଳା କହିଲା, 'କି ଦରମା? ମୁଁ କେତେ ପାଉଛି ଯେ ଘରେ ଦେବି? ମୋତେ ତ ନିଅଣ୍ଟ ହେଉଛି ବୋଲି, ଚାକିରୀ କଲି । ମୁଁ ଟଙ୍କାଟେ ବି ଦେଇ ପାରିବିନି ।' ବାପା ବୋଉର ହାତ ଧରି କହିଲେ, 'ନ ଦେଉ, ନିଜେ ତ ଚାକିରୀ କରୁଛି ନା, ତା ଭାଗ୍ୟ । ଆଗକୁ ଉନ୍ନତି କରିବ । ଭଲ ବରଟେ ମିଳିବ ।'

ମାସ ନ ପୁରୁଣୁ ସାନ ଝିଅ, ବାସନ୍ତୀକୁ ବି ଚାକିରୀ ମିଳିଗଲା । କୋଉଗୋଟେ ଅଫିସରେ ରିସେପ୍ସନିଷ୍ଟ୍ । କରୁଣା, ମନା କଲା ବେଳେ, ସେ କହିଲା, 'ତୋ ଭଳିଆ ଯଦି ଆଇ ଏ ଏସ୍ ହେବାକୁ ଜଗିବୁନା, ବୁଢୀ ହେଇଯିବୁ ।' ସାନ ଦି ଝିଅ ଚାକିରୀ କଲା ପରେ ପରେ ସେମାନଙ୍କ ପାଇଁ ପ୍ରସ୍ତାବ ସବୁ ଆସିବା ଆରମ୍ଭ ହେଇଗଲା । ଯଉତୁକ ନ ଦେଇ ବି ବୋହୁ କରି ନେବାପାଇଁ ସବୁ ଜଗିବସିଲେ । ଏଣେ କରୁଣାର ବିବାହ ହେଉନଥିବା ଦେଖି, ଦିନେ ବାପା ନିର୍ମଳାର ବିବାହ ପାଇଁ ଘୋଷଣା କଲେ, ଅବଶ୍ୟ ଏଥିରେ କରୁଣାର ସହମତି ଥିଲା । ବାସ୍ ଦିନ କେଇଟାରେ ନିର୍ମଳା ବୋହୁ ହେଇ ଚାଲିଗଲା । ଘରଟା ଶୁନ୍‌ଶାନ ହେଇଗଲା । ବାସନ୍ତୀ ପୁଣି ତା ଚାକିରୀରେ ବ୍ୟସ୍ତ ହୋଇଗଲା । ଆଉ ଘରେ ବାପା ବୋଉଙ୍କ କଥା ଶୁଣିବାପାଇଁ ଏକା ରହିଗଲା କରୁଣା ।

ଅନେକ ଥର ପରୀକ୍ଷାରେ ପ୍ରଥମ ସ୍ଥାନ ପାଇଥିବା କରୁଣା, ବାରମ୍ବାର ଚାକିରୀ ପାଇଁ ଆବେଦନ କରି ମଧ୍ୟ ପାଇଲା ନାହିଁ । ଶେଷରେ ଗୋଟିଏ ଅଫିସରେ ଜୁନିଅର କ୍ଲର୍କ୍ ହିସାବରେ ଚାକିରୀ ଖଣ୍ଡେର ଜୋଗାଡ ହୋଇଗଲା । ଚାକିରୀ ହେବାର ମାସେ ନ ପୁରୁଣୁ ଘରେ ପ୍ରସ୍ତାବ ଆସିବା ଆରମ୍ଭ ହୋଇଗଲା । ହେଲେ ସାନ ଭଉଣୀର ବିବାହ ହୋଇଯାଇଥିବା କଥା ଶୁଣି ଅଧେ ପଳାଇଲେ । ଆଉ ଯିଏ ବି ରହିଲେ ଯଉତୁକ କଥାକୁ ଜିଦ୍ ଧରିଲେ, କିଏ କିଏ ସାନ ଝିଅକୁ ବିବାହ କରିବା ପ୍ରସ୍ତାବ ବି ଦେଲେ । ବଡିଲା ଝିଅ ସମସ୍ତଙ୍କ ଆଖିକୁ ଦିଶିବ । ସାନ ଝିଅ ସୁନ୍ଦର ଥିଲା, ତେଣୁ ପ୍ରସ୍ତାବ ଆସିବା ସ୍ୱାଭାବିକ୍ ଥିଲା । ବାସ୍ ନିର୍ମଳା ପରି ବାସନ୍ତୀ ମଧ୍ୟ ବିବାହ କରିଗଲା । ଘରେ ବାପା ମା' ପାଖରେ ରହିଗଲା ଏକା କରୁଣା ।

ଦୁଇଟା ବର୍ଷରେ ବାପା ରିଟାଏର୍ଡ୍ କରିଗଲା ପରେ,

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଘରେ ସେମାନଙ୍କ ଦେଖାଶୁଣା କରିବା ପାଇଁ କରୂଣା ରହିଗଲା। ଦିନସାରା ଅଫିସରେ କାମଧାମ କରି ଘରକୁ ଫେରି ରୋଷେଇ କରିବା, ବୋଉ ବାପାଙ୍କ ଯତ୍ନ ନେବା, ଆଦି କରୁ କରୁ ଦିନେ ସେ ବୁଡି ହେଇଗଲା। ଦିନେ ଫୁଲ ପରି ଚହକୁଥିବା କରୂଣା ଆଜି କଣ୍ଢା ଭଳିଆ ଶୁଖିଗଲା। ଅଫିସରେ ପ୍ରମୋସନ୍ ପାଇ ସିନିୟର କ୍ଲର୍କ ହେବାପରେ ସେଇ ଅଫିସରେ ନୂଆ ଜଏନ୍ କରିଥିବା ଜନୈକ ସହକର୍ମୀଙ୍କ ସହ ବିବାହ ପ୍ରସ୍ତାବ ଆସିଥିଲା। ବାପା କହିଲେ, 'ଯଦି ଝିଅ ହଁ କହିବ, କରିଦେବୁ।' ସନ୍ଧ୍ୟାରେ ଘରକୁ ଫେରି ଦୀପ ଜଳାଇ ପ୍ରାର୍ଥନା କଲେବେଳେ ବୋଉ ପ୍ରସ୍ତାବ କଥା କହୁଥିଲେ, ଆଉ ଆଖିରୁ ଦି ଧାର ଲୁହ ବହାଇ ଦେଇ କରୂଣା ପୂଜାରେ ବ୍ୟସ୍ତ ଥିଲା। କହୁଥିଲା, 'ବୋଉ ଲୋ, ମୁଁ ତୋ ଝିଅ ନାହିଁ, ପୁଅ। ବାପା ଏତେ କଷ୍ଟ କରି ପାଠ ପଢାଇଥିଲେ, କାହିଁକି? ତୁମକୁ ଛାଡି ଆଉ କୁଆଡେ ଯିବି?'

## ଦମ୍ଭ

'କବାଟ ଝରକା ସବୁ ପକେଇଦେଲୋ ଝୁଅ।' ବାହାର ପଟୁ କୁମାରୀଖୁଡି ଡାକିଲେ। ସଂଗୀତା ଯାଇ କବାଟ ବନ୍ଦକରିବାକୁ ଚେଷ୍ଟା କରିଲା, ମାତ୍ର ଅଣଚାଶ ବହିଲା ବେଳକୁ ନୂଆ ବୋହୁଟାର ବା କେତେ ବଳ। ଖୁଡି ଆସି କବାଟକୁ ବାହାର ଆଡୁ ଭିଡିଧରିଲା ପରେ ସେ ବନ୍ଦ କରିଦେଲା। ଦିପହର ବେଳଟା ହେଇଚି ସିନା ସଞ୍ଜପରିକା ଅନ୍ଧାର ଘୋଟି ଆସିଲା। ନୂଆ ନୂଆ ବାହା ହେଇଥିବା ସଂଗୀତା, ଏକା ଘରେ ବସିବାକୁ ଡରିଲା। ଟିଭି ଲଗେଇ କଣ ଦେଖୁଥିଲା ବୋଧହୁଏ ହଠାତ୍ ଲାଇଟ୍ ଚାଲିଗଲା ପରେ, ସେ ଅତ୍ୟଧିକ ଭୟଭୀତ ହୋଇ ପଡିଲା। କାହାକୁ ପାଟି କରି ଡାକିବାର ଯୁ ନଥିଲା। ଅନ୍ଧାରରେ ଲଣ୍ଠନ ଖୋଜୁ ଖୋଜୁ କଂସାବାସନରେ ବାଜି ଡଣଡାଣ ଶବ୍ଦ ହେଲା ପରେ ଖୁଡି ଆସି ଝରକା ପାଖରେ ଠିଆ ହୋଇ କଣ ହେଲା ବୋଲି ପଚାରିବାରୁ ତା'କୁ ଟିକେ ସାହାସ ହେଲା। ଝରକା ପାଖକୁ ଯାଇ ସନ୍ତର୍ପଣରେ ଖୁଡିକୁ କହିଲା, 'ମୋତେ ଭାରୀ ଡର ଲାଗୁଛି।' ଖୁଡି କିଛି ନ ବୁଝି ନ ସୁଝି ଫେଁ କରି ହସିଦେଇ କହିଲେ, 'ଆଲୋ ଆଲୋ, ଘରଟା ଭିତରେ ଅଛୁ ଆଉ ଡରୁଛୁ କିଆଁ? ତତେ କଣ ବାଘ ଖାଇଦେଉଛ ନା କଣ?' ସେ ଆଉ କିଛି କହିବା ପୂର୍ବରୁ ଖୁଡି ପାଟିକରି କହିଲେ, 'ହଇଲୋ ଚଂପା, ଏଇ ଆ ବା ଦେଖିବୁ, ଆମ ବୁଲୁର କନିଆ କଣ କହୁଚି। ଦିନ ଦିପହରରେ ତାକୁ କୁଆଡେ ଡର ଲାଗୁଛି। ହେଁ ହେଁ ଖୁଡି ଦୂରକୁ ଚାଲିଗଲା ପରେ କୁମାରୀ ମୁଣ୍ଡରୁ ଝାଳ ବହିଗଲା। ଲାଜରେ ମୁହଁ ଲାଲ୍ ପଡିଗଲା।

ଝରକା ପାଖରୁ ଆସି ପୁଣି ରୋଷେଇଘରେ ପଶି ଲଣ୍ଠନକୁ ଖୋଜିଲା। ଏଥର ଲଣ୍ଠନ ମିଳିଗଲା ସତ ମାତ୍ର ସେଥିରେ କିରୋସିନି ନଥିଲା। ସେ ହା କହି ରହିଗଲା। ଏପାଖ ସେପାଖ ଦେଖିଲା, ଚାରିଆଡେ ଅନ୍ଧାର। ତେଣେ ବାହାରେ ବିଜୁଳୀ ଆଲୋକରେ ଶୋଇବା ଘରଟା ଚମକି ଉଠୁଚି। ସେଇ ଆଲୋକରେ କାନ୍ଥରେ ଏକ ଅଦ୍ଭୁତ ଛବି ପ୍ରତିଫଳିତ ହେଲାପରି ଲାଗିଲା, କୁମାରୀର ଛାତିଟା ଖାଲି ହୋଇ ଆସିଲା, ସେ ଭୟରେ ରୋଷେଇଘରେ ପିଡା ପକେଇ ବସିପଡିଲା। ଅନ୍ଧାର ଘର ଭିତରେ ପିଂପୁଡିଟିଏ ବି ମନକୁ ଦୋହଲାଇ ଦେଇପାରେ, ବାସ୍ କିଛି ସମୟ ଭିତରେ କୁମାରୀର ଦେହ ଥରିବା ଆରମ୍ଭ ହେଲା।

ବାପା ଖୋଜି ଖୋଜି ସହରରେ ଚାକିରୀ କରୁଥିବା ବରଟିଏ କରିଦେଇଥିଲେ, କହିଲେ ମୋ ଝିଅ ସହରରେ ରହିଲେ ଦୁନିଆ ଦେଖିବ। ବଡ ସହରରେ ଛୋଟ ଘରଟିଏ ଭିତରେ ବାନ୍ଧି ହୋଇ ସେ ଯାହା ଦୁନିଆ ଦେଖିବା କଥା ଭାବିଥିଲା ସବୁ କୁଆଡେ ଉଭେଇଗଲା। ବାହା ଘର ସରିବାର ଦଶଦିନ ଭିତରେ ହିଁ ସେ ସହରକୁ ଆସିଗଲା। ସ୍ୱାମୀଙ୍କ ଚାକିରୀରେ ଛୁଟି ନାଇଁ। ଆଉ ଆସିଲା ଦିନଠୁ ସ୍ୱାମୀଙ୍କୁ ଦିନରେ ଦେଖିବା ସ୍ୱପ୍ନ ହେଇଗଲା। ଅଧରାତିରେ ଘରକୁ ଫେରି ଖାଇକି ଶୋଇଯାଆନ୍ତି, ଆଉ ପାହାନ୍ତି ପହରୁ ଉଠି ଅଫିସ୍ ଚାଲିଯାଆନ୍ତି, ଯାହା ହେଲେ ବି ସରକାରୀ ଚାକିରୀଆ ଆଉ ସେ ପୁଣି ପୁଲିସ୍। ଦେଖୁ ଦେଖୁ ଚାରିମାସ ବିତିଗଲାଣି, କୁଆଡୁ କିଛି ଖବର ଅନ୍ତର ନାହିଁ। ମଝିରେ ବୋଉର ଦି ଖଣ୍ଡ ଯାହା ଚିଠି ଆସିଥିଲା। ଆଜି ହେବ ଆଜି ହେବ କହି ଚାରିମାସ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବିତିଗଲା ପରେ ବି ଦିନେ ହେଲେ ସେ ସହରର ଲାଇଟ୍ ଦେଖିଲା ନାହିଁ।

ଯେଉଁ ଦିନୁ ସେ ଏଇ ଘରକୁ ଆସିଲା, ସେହି ଦିନ ସନ୍ଧ୍ୟାରେ ଏଇ ଖୁଡି ଜଣକ ତାକୁ ଆସି ବନ୍ଦାଣ କରି ଯାଇଥିଲେ। ଏକା ସେ ନାହିଁ, ପୁରା ସାହିଟା ଯାକର ସେ ଖୁଡି। କାହାକୁ କଣ ଦରକାର ସବୁ ବୁଝିବା ତାଙ୍କରି କାମ। କିନ୍ତୁ କୁମାରୀକୁ ସେ ଟିକେ ବେଶୀ ଭଲ ପାଆନ୍ତି। ଆଉ ମୁହଁ ସଞ୍ଜରୁ ଆସି ଦୁଆର ମୁହଁରେ ବସି ଟିଭି ଦେଖିବା ତାଙ୍କର ନିତିଦିନିଆ କାମ, ତେଣୁ ସଞ୍ଜରେ ଏକାଥିଲେ ବି କୁମାରୀକୁ ଡର ଭୟ ନଥାଏ। ଏହି ସମୟରେ କବାଟରେ ଧଡ ଧଡ ଶବଦ ଶୁଣି, ସେ ଭୟରେ ଥରିଗଲା, ପରେ ପରେ ଦିନ ବେଳଟା ଭାବି ଆଉ ବାହାରେ ଖୁଡିଥିବେ ତ, ଭାବି ସେ ପାଦ ଚିପି ଚିପି ବାହାରକୁ ଗଲା। କବାଟ ଫାଙ୍କରୁ ଦେଖିଲା, ଦୁଆରେ ତା' ବାପା ଠିଆ ହୋଇଛନ୍ତି। ତରତର ହୋଇ କବାଟ ମେଲେଇ ଦେଲା। ବର୍ଷାରୁ ରକ୍ଷା ପାଇବାପାଇଁ ବାପା ତା'ର ଘର ଭିତରକୁ ପଶିଆସିଲା ବେଳକୁ, ମୁଣ୍ଡରେ ଓଡଣା ଦେଇ ପାଦତଳେ ମୁଣ୍ଡିଆ ମାରିଲା ବେଳକୁ ବାପାଙ୍କ ଆଖି କୋଣରୁ ଲୁହ ଟୋପାଟେ ଝରି ଆସିଲା।

ବାପାଙ୍କୁ ସଫା ଗାମୁଛା ଖଣ୍ଡିଏ ଦେଇ, ମୁଣ୍ଡଟାକୁ ପୋଛିବାକୁ ଗଲାବେଳେ, ମୁଣିରୁ ବାହାର କରି ମୁଆଁ ପୁଡାଟିଏ ହାତକୁ ବଡେଇ ବାପା କହିଲେ, ନେ ତୋ ବୋଉ ଦେଇଛି। କୁମାରୀ ପୁଡାଟିକୁ ଅଲଗା ରଖି ବାପାଙ୍କ ମୁଣ୍ଡକୁ ଶୁଖେଇବାକୁ ଚେଷ୍ଟାରେ ଲାଗିଲା। ବାପା ଭାରୀ ଗମ୍ଭୀର ଲାଗୁଥିଲେ। ଅବଶ୍ୟ ବାପା ସବୁବେଳେ ସେମିତି। କିନ୍ତୁ ଆଜିର ନିରବତା କୁମାରୀକୁ ଆଘାତ କରୁଥିଲା। ସେ ମୁଣ୍ଡ ପୋଛୁ ପୋଛୁ କହିଲା, 'ବାପା, କ'ଣ ହେଲା? ଏମିତି ଚୁପ୍ କାହିଁକି ରହିଲ? କିଛି କହିଲ ନି?' ବାପା ତା ହାତକୁ ଧରି ପାଖରେ ବସେଇ କହିଲେ, 'ଯା' ଲୁଗାପଟା ବାନ୍ଧିଦେ ଗାଁ କୁ ପଳେଇବା।' କୁମାରୀ କିଛି ବୁଝିପାରୁ ନଥିଲା। ବାପା କହିଲେ, 'ଯା ଜଲ୍‌ଦି ବାହାରି ପଡ ସଞ୍ଜ ବସ୍‌ରେ ଗାଁକୁ ପଳେଇବା। ନଇଲେ ଗାଡି ମିଳିବ ନାହିଁ।'

ବାପାଙ୍କ କଥାକୁ କାହିଁକି ସହଜରେ ଗ୍ରହଣ କରି ପାରିଲାନି ସେ। ରନ୍ଧା ହେଇଥିବା ଭାତଡାଲି ଖାଇବାକୁ ବାଡିବା କଥା କହିଲା ବେଳେ, ବାପା ମନା କଲେ। କୁମାରୀ କହିଲା, 'ବାପା, ସେ ଆସିନାହାନ୍ତି, ଘରଟାକୁ ଏମିତି କେମିତି ଛାଡି ଚାଲିଯିବି। ତାଙ୍କୁ ନ ପଚାରି?' ବାପା କହିଲେ, 'କିଛି ଆବଶ୍ୟକତା ନାହିଁ। ତୁ ଚାଲ୍ ମୋ ସାଙ୍ଗରେ।' କୁମାରୀକୁ ସବୁ ଅଚାନକ୍ ସ୍ୱପ୍ନ ପରି ଲାଗୁଥିଲା। ତା' ବାପା ଯେ କେବେ ଅନ୍ୟାୟ କଥା କହିବେ ଏଇ ବିଶ୍ୱାସ ତା'ର ନ'ଥିଲା। କିନ୍ତୁ ହଠାତ୍ ବାପାଙ୍କ ଆଚରଣ ତାକୁ ଅସୁବିଧାରେ ପକାଇ ଦେଉଥିଲା। ବାପାଙ୍କୁ ବସେଇ ଘର ପଛବାଟରେ, ସେ ଖୁଡିଙ୍କୁ କହିବାକୁ ଗଲାବେଳେ, ଖୁଡି ଚୁପ୍‌ଚାପ୍ ଦୁଆରେ ବସିଥିଲା। କୁମାରୀକୁ ଦେଖି କହିଲା, 'ଘର ଚାବିଟା ମୋତେ ଦେଇଯା। ତୋ ଗେରସ୍ତ ଆସିଲେ, ଦେଇ ଦେବି।' କଥାଟା ଭାରି ଅଖାଡୁଆ ଲାଗିଲା। କିନ୍ତୁ ହଠାତ୍ ଖୁଡି କେମିତି ଜାଣିଲେ, ସେ ବାହାରକୁ ଯାଉଛି ବୋଲି, ଏଇ ପ୍ରଶ୍ନ ତା'କୁ ଘାରିବାକୁ ଲାଗିଲା।

ଖୁଡିର ମୁହଁକୁ ପ୍ରଶ୍ନକରି ଚାହିଁଲାରୁ ସେ କହିଲେ, 'ଯା ତୋ ବାପା ଆସିଛନ୍ତି, ତାଙ୍କୁ ପଚାରିବୁ।' କୁମାରୀ ତରତର ହୋଇ ଘରକୁ ଫେରି ଆସି ବାପାଙ୍କ ସାମନାରେ ଠିଆହୋଇ ପ୍ରଶ୍ନିଳ ନୟନରେ ତାଙ୍କୁ ଚାହିଁବାରୁ ତାଙ୍କ ଆଖିରେ ଲୁହ ଜକେଇ ଆସିଲା। କହିଲେ, 'ମତେ କ୍ଷମା କରିଦେବୁ ଲୋ ଝିଅ, ତୋ ଜୀବନଟା ମୁଁ ନଷ୍ଟ କରିଦେଲି। କିଏ ଜାଣିଥିଲା, ତୋ ସ୍ୱାମୀର ଗୋଟେ ରକ୍ଷିତା ଅଛି ବୋଲି।' କୁମାରୀର ପାଦତଳୁ ଜମି ଖସିବାକୁ ଲାଗିଲା। ସେ ସେଇଠି ବସିପଡିଲା। ବାହାରେ ଝିପିଝିପି ହେଇ ବର୍ଷା ସତେ ଯେମିତି ତା ଆଖିରୁ ଲୁହ ଚୋରେଇ ନେଇ ଯାଇଥିଲା। ବାପା କହିଲେ, 'ଆଉ ବସନା, ଚାଲେ ପଳାଇବା।' କୁମାରୀ ବାପାଙ୍କ ଆଖିକୁ ଚାହିଁରହିଥିଲା, ଗୋଟିଏ ଅଭାଗା ଝିଅର ବାପାର ଆଖିର କଷ୍ଟ ସ୍ପଷ୍ଟ ବାରି ହୋଇ ପଡୁଥିଲା। ବାହାର କବାଟ ଖୋଲି ଖୁଡି ଆସି ସେଇଠି ଠିଆ ହୋଇଥିଲେ। କୁମାରୀ କଣ କରିବ କିଛି ବୁଝି ପାରୁନଥିଲା।

ଉଠି ରୋଷେଇ ଘରେ ପଶିଲା, ଥାଳିରେ ଭାତ ଡାଲି

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବାଡି ଆଣି ବାପାଙ୍କ ଆଗରେ ଥୋଇଲା। ବାପା ତା' ଆଖିକୁ ଚାହୁଁଥିଲେ, କହିଲା, ଏବେ ଡେରୀ ହେଇଗଲା ବାପା। ମୁଁ ଆଉ ଯାଇପାରିବି ନାହିଁ। ତୁମେ ଯାହା କହୁଚ ସତ ହେଇଥିବ, ହେଲେ ମୋ ସ୍ୱାମୀ ମୋତେ ଦିନେ ଅପମାନିତ କରିନାହାନ୍ତି। ହଁ ବେଶୀ ନିଜର ବୋଲି ନ ଦେଖାଇ ଥିଲେ ବି ପର ଭଳି ବ୍ୟବହାର କରି ନାହାନ୍ତି। ମୁଁ ଜାଣିନି, ତୁମେ କୋଉଠୁ କଣ ସବୁ ଶୁଣି ଆସିଲ। କିନ୍ତୁ ମୁଁ ଆଉ ଫେରିବିନି। ଯାହା ହେଲେ ବି ସେ ମୋର ସ୍ୱାମୀ, ମୋର ଇହକାଳ ଆଉ ପରକାଳର ଦେବତା।

ବାପା ସାମନ୍ୟ ହସିଦେଇ କହିଲେ, 'ଝିଅଲୋ, ତୋ ଭଳି ଝିଅପାଇ ମୁଁ ଧନ୍ୟ ହେଲି।' ବୁଲି ପଡି ଖୁଡିକୁ ଚାହିଁ କହିଲେ, 'ଦେଖିଲ ସମୁଦୁଣୀ। ମୁଁ କହୁ ନଥିଲି, ମୋ ଝିଅ ସେ ଭଲମନ୍ଦ ସବୁ ବୁଝୁଛି।' କୁମାରୀ କିଛି ବୁଝିବା ପୂର୍ବରୁ ବାପା ହସିଦେଇ କହିଲେ, 'ତୋର ଏଇ ଖୁଡି କହୁଥିଲେ, ତୁମ ଝିଅ କାଳେ ଭାରି ଡରୁରି, ଟିକେ ଟିକେ କଥାରେ ଡରିଯାଉଚି। ଆଜି ଦେଖେଇଦେଲି ମୋ ଝିଅର କେତେ ଦମ୍ଭ, କେତେ ସାହାସ। ମୁଁ ଯାହା ସବୁ କହିଲି, ମା ଲୋ ସବୁ ମିଛ। ଆମ ଜ୍ୱାଇଁ ଭଳିଆ ଲୋକ ମିଳିବା କଷ୍ଟ। ଦିନ ନାଇଁ ରାତିନାଇ ଦେଶ ସେବାରେ ଲାଗିଛନ୍ତି, କେଡେ ଭାଗ୍ୟ ମୋର।' କୁମାରୀ ଆଖିରେ ଲୁହମିଶା ହସଟିଏ ଝରି ପଡିଲା। ଦୁଆର ପାଖରେ ଠିଆ ହୋଇ ଖୁଡି କହୁଥିଲେ, 'ଯାଉନୁ ଭିତରକୁ ଭଜା କି ତିଅଣ କଣ ଜୋଡେ ଆଣି ଦେବୁ, ବାପାଟା ତୋର ଏତେ ଦୁରରୁ ଆସିଛି କଣ ଖାଲି ଭାତ ଡାଲି ଦେଇ ବିଦା କରିଦେବୁ ନା କଣ?'

କୁମାରୀ ରୋଷେଇ ଘରକୁ ଝପଟି ଯାଉଥିଲା। ଆଉ ତାକୁ କିଛି ଅନ୍ଧାର ଦିଶୁନଥିଲା। ଖାଇସାରି ବାପା ହାତ ଧୋଇବାପାଇଁ ବାଡି ପାଖ କୁଅ ମୂଳକୁ ଗଲାବେଳେ କୁମାରୀ ଯାଇ କୂଅରୁ ପାଣିବାହାର କରିବାପାଇଁ ଗରା ପାଣିରେ ପକାଇଲା ବେଳେ ଖୁଡି ଆସି ହାତ ଧରି କହିଲେ, 'ତୁ ଯା' ଏ ଅବସ୍ଥାରେ ତୋର ଭାରୀ କାମ କରିବା ମନା। ଡାକ୍ତର ମନା କରିଛନ୍ତି ପରା।' ବାପା ତା'ର ଖୁଡିକୁ ଚାହିଁ ରହିଲେ। ଖୁଡି ଥଟା କରି କହୁଥିଲେ, 'ଦେଖୁଚ କଣ ସମୁଦି, ଯାଅ ସମୁଦୁଣୀକୁ କହିଦେବ, ଝିଅ ପାଇଁ ନୂଆ ଲୁଗା ଆଉ ଭାର ପଠେଇବେ। ଦି' ମାସ ହେଇଗଲା। ଶୀଘ୍ର ଆସି ଝିଅକୁ ନେଇଯିବେ।'

## ଆମ ଗାଁ ହାଲ୍‌ଚାଲ୍

ମାଘ ମାସର ପୂର୍ଣ୍ଣମୀ ଆଉ ମାତ୍ର ପନ୍ଦର ଦିନ ଅଛି, ଗାଁ ମଝି ମଣ୍ଡପ ଉପରେ ସଭା ବସିଲା, ବୁଢା ପିଲା ଟୋକା ସବୁ ଏକାଠି ବସିଲେ। କାର୍ଜି କହିଲେ, କଙ୍କୋରଡା ଦଳ ଆଉ ସୁବଳୟା ଦଳକୁ ନିମନ୍ତ୍ରଣ ଦିଆଯାଉ। କରଣେ କହିଲେ, ଗଲା ସନ ଭଞ୍ଜନଗରିଆ ଆସି ଯୋଉ ନାଟ କରିଗଲେ, ଆଉ ସେଇ ନାଟ ଦେଖିହେବନି। ପଛରୁ କିଏ ଗୋଟେ କହିଲା, ଥାଉ ସେ ରାଧା ପ୍ରେମଲୀଳା, ଏଥର ରାମାୟଣ ନାଟକ ଆସିବ। ବଳିଆ କହିଲା, 'ଆରେ ସବୁ ବର୍ଷ ଯାହା ହେଉଛି ନା। କହିଲା ରାମାୟଣ ନାଟକ ! ଜାଣିଛୁ କେତେ ଟଙ୍କା?'

ପ୍ରତିବର୍ଷ ଗାଁରେ ନାଟ, ମାଘମାସ ପୂର୍ଣ୍ଣମୀରେ ହୁଏ। ସବୁବର୍ଷ ସେଇ ଏକା ଏକା ରାଧା ପ୍ରେମଲୀଳା ନାଟକ ଆସେ, କାର୍ଜି କରଣ ଦୁଆରେ ଚାନ୍ଦୁଆ ପଡେ ଆଉ ନାଟ ହୁଏ। ସେ ନାଟ ଦେଖିବା ପାଇଁ ଆଖପାଖ କୋଡିଏ ଖଣ୍ଡ ଗାଁରୁ ହଜାର ହଜାର ଲୋକ ଆସନ୍ତି। ଦି ଦିନ ଧରି ନାଟ ହୁଏ। ଆଜି ଦିନ ଦଶଟାରେ ଆରମ୍ଭ ହେବା ନାଟ, ଆସନ୍ତା ଦିନ ଦଶଟାରେ ଯାଇ ସରିଥାଏ। ଗାଁର ସବୁଠୁ ବଡ ମେଳଣ। ରାଧା ପ୍ରେମଲୀଳାରେ ରାଧା କୃଷ୍ଣ ବେଶଧାରୀ ପିଲା ଗୁଡାକ ନିଦରେ ଶୋଇଯାଆନ୍ତି, ନାଟ ମାଷ୍ଟ୍ରେ ଅଜାଣତରେ ସରୁ ଚିମୁଟା ଦେଇ ଦେଇ ଜଙ୍ଘରେ ଦାଗ କରିଦେଇ ପକାନ୍ତି। କରଣେ ନାଟ ମଝିରେ ଯାଇ, ସେମାନଙ୍କୁ କମଳାକୋଳ ଚକୋଲେଟ୍ ଦେଇ ଆସନ୍ତି। ନାଟ ମଝିରେ କୃଷ୍ଣ ବେଶ ପଡିଥିବା ପିଲା ରାଧା ମନ ମୋହିବାକୁ କେତେ କେତେ ବେଶ ପଡିଥାଏ, ଆଉ ସେଇ ସମୟରେ କେତେବେଳେ ଶୁଆ ବିକା, କେତେବେଳେ କାଚରା ତ କେତେବେଳେ ଅଳତା ଲଗେଇବା ବେଶ ପଡି କାର୍ଜି କରଣ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଘର ଭିତରେ ଥିବା ସ୍ତ୍ରୀ ଲୋକମାନଙ୍କ ଠାରୁ ଭଲ ପାଉଣା ପାଆନ୍ତି। ନାଟ ଦେଖିବା ଲୋକ ଯେତିକି ସବୁ ଘରେ କୁଣିଆ। ଗାଁରେ ସବୁଠୁ ବଡ ଗହଳ ଚହଳ ଦିନ।

ହେଲେ ସଭା ଚାଲିଥିବା ବେଳେ ଗାଁ ଟୋକାଙ୍କ ରାମାୟଣ ନାଟକ ଦେଖିବା ଜିଦ୍, ଆଉ କେହି କେହି ରାଧା ପ୍ରେମଲୀଳା ଦେଖିବା ମନା କରିବା ଯୋଗୁଁ ଅବ୍ୟବସ୍ଥା ଦେଖାଦେବା ପୂର୍ବରୁ କରଣେ କହିଲେ, 'ଶାନ୍ତି ଶାନ୍ତି'। ସବୁ ଚୁପ୍ ହୋଇଗଲେ। ବଳିଆ କହିଲା, 'ଯଦି ଆପଣ କହିବେ ବୋଇଲେ ଏବେ ଏକା ନିମିନା ପାର୍ଟିକୁ ଖବର ଦେଇଦେବି। ସେ ଗାଁ ନାଟମାଷ୍ଟ୍ର ମୋତେ ଜଣା।' ପଛରୁ ଚାରେଣୀ କହିଲା, 'ମାଷ୍ଟ୍ରେ ଖାଲି ରାମାୟଣ ନାଟ ଆସିଲେ ହେବନି, ସାଥିରେ ରେକଡ୍ ଡାନ୍ସ ଆସିବାକୁ ପଡିବ।'

କରଣେ ଚିହିଁକି ଉଠି କହିଲେ, 'ଥାଉରେ ପୁଅ, ତୋ ବୋପା କେବେ ଦେଖିଥିଲା?' କିନ୍ତୁ କୋଳାହଳ ବଢିବା ସହ ଦିଣ୍ଡା ହୁଣ୍ଡା ମାନଙ୍କ ଜିଦ୍ ବି ବଢିଲା, ଆଉ ଶେଷରେ କାର୍ଜି କହିଲେ, 'ଯଦି ଆମ ପିଲେ ଏତେ ଜିଦ୍ କରୁଛନ୍ତି, ସେପରି ହିଁ ହେଉ।' ସାମାନ୍ୟ ହସିଦେଇ କରଣଙ୍କୁ କହିଲେ, 'କୋଉ ଆମ ବୋପା ଜେଜେ ଦେଖିଥିଲେ ହେ, ଚାଲ ଦେଖିବା କଣ ସେ ଜିନିଷ, ଯାହା ପିଲା ମାନଙ୍କୁ ଏତେ ଭଲ ଲାଗିଚି।' କରଣେ କହିଲେ, 'ଭାଇନା, ତୁମେ ବୁଝୁନ। ସେ ରେକଡ ଫେକଡ୍ କିଛି ହେବନି। ଆମ ଗାଁ ଦାଣ୍ଡଟାକୁ ଅପବିତ୍ର କରିଦେବେ ହେ।' କାର୍ଜି କରଣ ବାକ୍ୟାଳାପ ଭିତରେ ସମସ୍ତେ ଚୁପ୍ ହେଇଗଲେ। ଶେଷରେ କରଣେ କହିଲେ, 'ଭାଇନା, ତୁମେ ଜିଦ୍ କରୁଚ ବୋଲି ହଁ କଲି ନହେଲେ। ମାତ୍ର ଯଦି ଗାଁ ଦାଣ୍ଡରେ ରେକଡ୍ ଡେନ୍ସ ନାଁରେ କିଛି ଅଘଟଣ ଘଟିଲା, ହେଲେ ଦାୟୀ ତୁମେ ରହିବ।'

ସଭା ସରୁ ସରୁ ସଞ୍ଜ ହେଇଗଲା। ପୋଖରୀ ହୁଡାରେ କଥା ହେଉ ହେଉ ଚାରେଣୀ କହିଲା, 'ମାଷ୍ଟ୍ର (କରଣ) ଶ.... ଟା କେବେ ଉଧେଇବନି। ତା ବୋପା ଦଦା କଣ ଦେଖିଲେ ନ ଦେଖିଲେ, ଆମର କିସ ଯାଉଛି। ଆମେ ତ ଦେଖିବୁ। ଶଃ କହିଲା କଣ ନା ରେକଡ୍ ଡେନ୍ସ ହବନି!!!' ହେଲେ କାର୍ତ୍ତିକ ପୂର୍ଣ୍ଣୀମାରେ ଧୋକା ଖାଇଥିବା କେତେ ଟୋକା କରଣ ସପୋର୍ଟରେ କହିଲେ, 'ନାଇଁ ବେ ତୁ ଶଃ କିଛି ଜାଣିନୁ। କରଣ କଥାରେ ନିଶ୍ଚୟ କିଛି ଗୋଟେ ଥିବ। ନଇଲେ ସେ ଗାଁ କରଣ ହେଇଥାନ୍ତା କିରେ।' ଏମିତି ଝିକା ଓଟରା ଭିତରେ ଚର୍ଚ୍ଚା ପଡିଲା, ନାଟ ପାର୍ଟି ଆସିବେ କୋଉଠୁ। ବଳିଆ ଆସୁଥିବା ଦେଖି ଚାରେଣୀ କହିଲା, 'ଭାଇନା, ଇଏ୍ ଟିକେ ଆସୁନ। ପିଲେ ପଚାରୁଛନ୍ତି, ନାଟ ପାର୍ଟି କୋଉଠୁ ଆସିବ?' ବଳିଆ କହିଲା, 'ସେକଥା ମୋତେ ପଚାରେନା। ସଞ୍ଜରେ ମଠଘରେ ସଭା ବସିଲେ କରଣେ ଯାହା କହିବେ।'

କରଣ ନାଁ ଶୁଣି, ଚାରେଣୀ ଚିଡି ଉଠି କହିଲା, 'ଶଃ ଏଇ କରଣ ଟାକୁ କୋଉଦିନ ଏକା ପାଇଲେ, ଦେବି ଯେ ବୋପା ନାଁ ଭୁଲିଯିବ। ଶଃ ସବୁକଥାରେ ଆକଟ। ତୁ ବୁଢା ହେଲୁଣି ବୋଲି ଆମେ ତ ପିଲା।' ବଳିଆ କହିଲା, 'ଥାଉ, ତୋ ବହପ ଆଉ ଦେଖାନା। କରଣକୁ ଦେଖିଲେ ଏଇଠି ମୁତି ପକେଇବୁ।' ସମସ୍ତେ ହସିଲା ବେଳେ ବଳିଆ କହିଲା, 'ଯା, ତାଳଧରି ବନ୍ଧହୁଡାରେ ବସିବୁ। ଜଳଦି କାମ ସବୁ ସାରି ଚାଲରେ ପିଲେ, କୋଠଘରେ ବସିବା। ରାମାୟଣ ନାଟ ଦେଖିବ ପରା!!!'

ସଞ୍ଜ ବେଳକୁ କୋଠଘରେ ନିଷ୍ପତ୍ତି ହେଇଗଲା, ସାନ ନିମିନା ଆଉ କଙ୍କରଡା ଦଳ ରାମାୟଣ ନାଟ ପାର୍ଟିକୁ ଖବର ଦିଆଯାଉ। ସବୁ ପିଲା ବୁଢା ଖୁସ। ନବା ଦିଗିତ କହିଲା, 'ସବୁ ବରଷ ସେଇ ପେମଲୀଳା ଦେଖି ଦେଖି ବିଜାର(ବିରକ୍ତ) ଲାଗୁଥିଲା, ଯା ହେଉ, ଏଇ ଟୋକାଟାକଳିଆଙ୍କ ଯୋଗୁଁ ଏ ବରଷ ରାମାୟଣ ଦେଖିବା। ଦେଖିବା ନିମିନା ହନୁମାନ ବେଶୀ ଡେଉଁଚି କି କଙ୍କରଡା। ଆଉ ଗୋଟିଏ କଥା ବାକିଥିଲା। ରାମାୟଣ ନାଟ ପାଇଁ ପଇସା ଆସିବ କୁଆଡୁ (କେଉଁ ଠାରୁ)? କୋଠଘରୁ ଟଙ୍କା ଖର୍ଚ ସବୁ ବର୍ଷ ଭଳି ହେବ ମାତ୍ର ରାମାୟଣ ନାଟ ଚାରି ହଜାର ଟଙ୍କା। ଆଗ ବର୍ଷଠୁ ଡବଲ। ପିଲେ କହିଲେ, ଏ ବର୍ଷ ସପ୍ତାହେ ଆଗରୁ ବେଶ ବାହାର କରିବା। ଗାଁ ରୋଡରେ

Nyasa Nabodita Presents

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଯେତେ ବସ ଯାଉଛି, ସବୁଠୁ ପଚାଶେ ପଚାଶେ ରଖିଲେ ବି ଆମ ପଇସା ବାହାରି ପଡିବ। ଆଉ ସୁରାଟ ଯେତେ ପିଲା ଯାଇଚେନ୍ତି, ସେମାନେ ଶହେ ନେଖା ଦେବେ। କଥାଟା ସମସ୍ତଙ୍କ ମନକୁ ପାଇଲା। କାର୍ଜି କହିଲେ, 'ଦେଖ ପିଲେ ସାତ ଦିନ ଆଗରୁ ବେଶ କାଡିବ କହୁଚ ଯେ, ମାତ୍ର କିଛି ଗଣ୍ଡଗୋଳ ଯେମିତି ହେବନି।' ବାସ ସଭା ଭାଙ୍ଗିଲା।

ଗାଁ ଦାଣ୍ଡରେ ପିଲେ ବେଶ ପଡି ଚାନ୍ଦା ମାଗିଲେ। କିଏ ବୁଡି ଭିକାରୁଣୀ ବେଶ ପଡିଲା ତ କିଏ ଚଣ୍ଡୀ ବେଶ। କିଏ ରାଧା କୃଷ୍ଣ ତ କିଏ ଶିବ ବେଶ ପଡିଲେ। ହେଲେ ସବୁଠୁ ବେଶୀ ମଜା ହୁଏ ବାଘୁବାଘୁଣୀ ବେଶରେ। ଦିନ ଦୁଇଟା ବିତିଗଲା। ସଞ୍ଜକୁ କୋଠଘରେ ବସି ଦେଖିଲା ବେଳକୁ ହାତକୁ କିଛି ଖାସ ପଇସା ଆସିନି। ବସବାଲା ପଚାଶ ଦେବାକୁ ମନା କରିଦେଲେ। ଦିଟା ବସ ରୁଟ୍ ବାତିଲ୍ କରିବା ଧମକ ଦେଇଗଲେ। କେମିତି ହେବ। ସବୁ ଚିନ୍ତାରେ ପଡିଲେ। ଶେଷରେ ହୀନ କହିଲା, କାଲି ଦେଖିବ ସମସ୍ତେ ମୁଁ କେମିତି ବେଶି ପଇସା ଆଣିବି।

ପରଦିନ ସକାଳୁ ହୀନ ପୋଲିସ ବେଶ ପଡି ଗାଁ ବସଷ୍ଟାଣ୍ଡରେ ଠିଆ ହେଲା। ସକାଳୁ ସକାଳୁ ସାତ ଆଠଟି ଗାଡି ପଚାଶ ପଚାଶ ଦେଇ ପଳେଇଲେ। ଦିନ ଏଗାରଟା ବେଳକୁ ରତନପୁର ଥାନା ଗାଡି ଲାଗିଲା ଆଉ ଦେଖୁ ଦେଖୁ ହୀନକୁ ଗାଡିରେ ପକେଇ ଚାଲିଗଲା। ଗାଁ ସାରା ହୁରି ପଡିଲା, ହୀନକୁ ଥାନା ନିଆ ହେଇଛି। ସବୁ ଟୋକା ଟାକଳିଆ ମିଶି ଥାନା କୁ ଗଲେ। ବୁଝାମଣା ହେଲା ଆଉ ଥାନାବାବୁଙ୍କ ପକେଟ୍‌ରେ ଗରମ ନୋଟ୍ ଗଣ୍ଡେ ପକେଇ ହୀନକୁ ଫେରାଇ ଆଣିଲେ। ଯାହା ଆୟ ହେଉଥିଲା ତା'ଠୁ ଅଧିକ ବ୍ୟୟ ହେଇଗଲା। ମାତ୍ର ଯା ହେଉ ହପ୍ତା ଶେଷ ହେଉ ହେଉ ଖାସ ପଇସା କିଛି ଆୟ ହେଇ ଯାଇଥିଲା। ଗାଁରେ ସାଇକେଲ୍ ଷ୍ଟାଣ୍ଡ ଆଉ ମିଠା ଦୋକାନ, ଖଜା ଦୋକାନ, କଣ୍ଢେଇ ଦୋକାନୀ ଆଦି ପକାଇବା ପାଇଁ ଟଙ୍କା ଦେବାକୁ ହେବ ବୋଲି କରଣେ ଘୋଷଣା କଲେ। କହିଲେ ଏହି ବର୍ଷ ରାମାୟଣ ନାଟ ଆସୁଛି, ମାନେ ଆଖପାଖ ତିରିଶି ଖଣ୍ଡ ଗାଁ ଲୋକ ଆସିବେ, ସେମାନଙ୍କ ସାଥୀରେ ଖଜା, ମିଠା, ରାଗଚଣା, ଜଳପାନ, ଖେଳନା, ମଲେଇ ଆଦି କେତେ ଦୋକାନ ସବୁ ହେବ। ସମସ୍ତଙ୍କଠାରୁ ପଇସା ନିଆଯିବ।

ନାଟ ପୂର୍ବଦିନ ଦୋପହରକୁ ବିଭିନ୍ନ ବେଶ ଏକ ସାଥୀରେ ବାହାରିବେ ବୋଲି ଗାଁ ସ୍କୁଲ୍ ସବୁ ଦିନ ଅଧାରୁ ବନ୍ଦ ହୋଇଗଲା। ପିଲେ ଘରକୁ ଆସି ଦୋହଡା (ଦ୍ୱିତୀୟ ଥର) ଖାଇ ଗାଁ ମଣ୍ଡପ ପାଖରେ ଯାଇ ହାଜର ହେଇଗଲେ। ସବୁ କହୁଥାନ୍ତି, ଏଇ ଆସିଲା ଏଇ ଆସିଲା, ମାତ୍ର କେହି ଆସୁନଥିଲେ। ଦିନ ଦି ଟା ବେଳକୁ ପ୍ରଥମେ ହନୁମାଙ୍କଡ ବେଶରେ ଆସିଲା, ହରିଆ। ଯୋଉ ଡିଆଁ ଡେଇଁଲା, ଆଖି ଲିଭିଗଲା। କା ନଡିଆ ଗଛରେ ଦେଖୁ ଦେଖୁ ଚଡିଗଲା ଆଉ ଗଛରୁ ନଡିଆ ତୋଳି ନିଜ ଦାନ୍ତରେ ଛଡେଇ ପକେଇ ମୁଣ୍ଡରେ ଭାଙ୍ଗି ଖାଇଲା। ଆଉ ପରେ ପରେ ଆସିଲା ଚେମ୍ଦୁ ପାଳ। ତା ବେଶକୁ ଦେଖି ପିଲେ ଡରିଗଲେ। ଅଣ୍ଟାରେ ଦଉଡି ବନ୍ଧା ହେଇଥିଲା ଆଉ ପଛରୁ ଚାରି ଚାରି ଜଣ ଦିଣ୍ଡା ଟୋକା ତାକୁ ଧରିଥିଲେ। ଗାଁ ଦାଣ୍ଡରେ କଞ୍ଚା କୁକୁଡାର କଳି ମୋଡି ଖାଇଲା। ସଞ୍ଜ ହୋଉ ହୋଉ ସବୁ ବେଶ ବନ୍ଦ ଆଉ ଗାଁ ଦାଣ୍ଡରେ ନାଟ ପାର୍ଟି ଶଗଡ ଲାଗିଲା। କରଣ ଦୁଆରେ ନିଜ ଦଳକୁ ନାଟ ଦେଖାଇବା ପାଇଁ ଜିଦ୍ କଲେ। କିମ୍ବଦନ୍ତୀ ଅଛି କରଣ ଦୁଆରେ ଯୋଉ ନାଟ ପାର୍ଟି ନାଟ କରନ୍ତି ଶେଷରେ ସେମାନେ ହିଁ ସବୁଠୁ ବେଶୀ ପଇସା ପାଆନ୍ତି। ଆଉ ଭଲ କରନ୍ତି। କାର୍ଜି କରଣେ କାଗଜ ଉଡେଇ (ଦୁଇଟି କାଗଜରେ ଦଳର ନାଁ ଲେଖି କିଏ କୋଉଠି ଖେଳିବ ତାହା ନିର୍ଦ୍ଧାରଣ କରିବା) କୋଉ ଦଳ କୋଉଠି ନାଟ କରିବେ କହିଦେଲେ।

ରାତି ଦଶ ବେଳକୁ କରଣ ଆଉ କାର୍ଜି ଦୁଆରେ ଦି ଥଳ ନାଟ ପାର୍ଟି ମଞ୍ଚା ଲଗେଇଲେ। ସକାଳ ପହରୁ ଗାଁ ହୁଲସ୍ଥୁଲ। ପାଖାପାଖି ତିରିଶି ଖଣ୍ଡ ଗାଁରୁ ଲୋକ ଆସିବା କଥା ଚିନ୍ତା କରିଥିଲେ ମଧ୍ୟ ଆହୁରି ଅଧିକ ଗାଁରୁ ଲୋକ ଆସିଲେ। ଗାଁ ଦାଣ୍ଡରେ ସବୁଠୁ ବଡ ବିପଣୀ (ବେପାର) ଚାଲିଲା। ଘରେ ଘରେ କୁଣିଆ ଗହଳି। ଯିଏ ଯାହା ଘରେ ପଶିଲେ ବି କେହି

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କିଛି କହିଲେ ନାହିଁ। ସବୁ ଦୁଆରକୁ ଗୋବର ଲିପି ସଫା କରି ରଖିଥିଲେ ଗାଁ ସାରା। ଗାଁର ଏହି ଗୋଟିଏ କଥା ପାଇଁ ତ ଆମ ଗାଁ ଗର୍ବ କରୁଚି ନା। ଏଇଠି ସମସ୍ତେ ନିଜର। ସମସ୍ତେ ଭାଇନା, ମଉସା, ଅଜା ଆଉ କକା। କେହି ପର ନାହିଁ। ଘରେ ଘରେ ପିଠାପଣା ଦିଆନିଆ ଚାଲିଲା। ପାଖ ଗାଁରୁ ବେଶି ଲୋକ ଆସିଗଲେ। ସକାଳୁ ସକାଳୁ ଆସି ଯିଏ ଯାହା ଘର ଜାଣିଛନ୍ତି, ପହଞ୍ଚିଗଲେ। ଗାଁ ରେ ଖାଲି ପୋଡପିଠା ଏଣ୍ଡିରି ଆଉ ଚିତଉ, ଚକୁଳିର ବାସ୍ନା ବାସିଲା।

ଗାଁ ଟୋକା ଦଳ ଛାତିରେ ଭଲେଣ୍ଟିର (ଭଲ୍ୟୁଣ୍ଟର) ଚିଠା ଲଗେଇ ଠେଙ୍ଗା ଗୋଟେ ଗୋଟେ ଧରି ପହରା ମାରିଲେ। କରଣ ଦୁଆରେ ଚଉକି ପକେଇ ବଡ କରଣ ସାନ କରଣ ପିଲା କବଲାଙ୍କୁ ଧରି ବସିଲେ। ଖଣି ପଡିଥିବାଯୋଗୁଁ ଖଣି ଉପରେ ପଟି ପକେଇ କୋଡିଏ ପାଖାପାଖି ଲୋକ ବସିପଡିଲେ। କାର୍ଜି କହିଲେ ପୁରୋହିତଙ୍କୁ ପୂଜା ଆରମ୍ଭ କରିବା ପାଇଁ, ଆଉ ପୂଜା ଘରେ ଦୀପ ଜଳେଇ ପୁରୋହିତ ନାଟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ। ଦଶଟା ବେଳକୁ ନାଟ ଆରମ୍ଭ ହେଲା।

ଦି ଦି ଥଳ ରାମାୟଣ ନାଟକ ର ମାଇକ୍‌ର ଆୱାଜ୍ ପାଖାପାଖି ଦଶ କୋଶ ଯାଏଁ ଶୁଭିଥିବ ପରା। ଘଣ୍ଟାଏ ଭିତରେ ଗାଁରେ ଆହୁରି ଅଧିକ ଦର୍ଶକ ଆସି ପହଞ୍ଚିଗଲେ। ଗାଁ ଦାଣ୍ଡ ଖାଲି ଉଠିଲା ପଡିଲା। କାର୍ଜି କରଣ ନିଜେ ବୁଲି ବୁଲି ସବୁ ଲୋକଙ୍କ ଅସୁବିଧା କଥା ବୁଝିଲେ। ରାମ ଜନ୍ମ ହେବା ପର୍ବ ନାଟରେ ଦେଖିଲା ବେଳକୁ ହୁଳୁହୁଳିରେ ଗାଁ ଦାଣ୍ଡ ପ୍ରକଂପିତ ହେଲା। ଓଡଣା ତଳୁ ଗାଁର ସ୍ତ୍ରୀ ଲୋକମାନେ ଯୋଉ ହୁଳୁହୁଳି ଦେଲେ ତାହା ଦେଖିବା ଯୋଗ୍ୟ ଦୃଶ୍ୟ ଥିଲା। ରାମ ଜନ୍ମ ସରୁ ସରୁ, ଗାଁର ନାଟ ପ୍ରେମୀ ନବା ଦିଗିତ ଷ୍ଟେଜ୍ ଉପରକୁ ଆସି ଉପହାର ଦେଖା କଥା ଘୋଷଣା କଲା। ' ମୋ ପ୍ରିୟ ଦର୍ଶକବୃନ୍ଦ, ଆଜିର ଆମ ଗାଁ ମଝିରେ କରଣ ଦୁଆରେ ହେଉଥିବା ସାନ ନିମିନା ଥଳର ରାମାୟଣ ନାଟକର ରାମଜନ୍ମ ଦୃଶ୍ୟରେ ଆନନ୍ଦିତ ହୋଇ ମୁଁ ଏହି ଗ୍ରାମ ନିବାସୀ ନବା ଦିଗିତ ରାଣୀ କୌଶଲ୍ୟ ପାଟ୍ କରିଥିବା କଳାକାରଙ୍କୁ ଏକଗୋଟି ଭାରତୀୟ ମୁଦ୍ରା (ଏକ ଟଙ୍କା) ପ୍ରଦାନ କରୁଛି। ଆପଣ ମାନେ ସଦୟ କରତାଳି ଦେଇ କଳାକାରଙ୍କ ଉତ୍ସାହ ବଡାନ୍ତୁ। ଜୟ କଳା।' ଏଇମିତି ନାଟ ଚାଲୁଥିବା ସମୟରେ ଏବଂ ବେଳେ ବେଳେ ଅସମୟରେ ମଧ୍ୟ ନାଟକୁ ଅଧାରେ ରଖି ଏମିତି ଉପହାର ଓ ପ୍ରୋତ୍ସାହନ ଦେବାର କାର୍ଯ୍ୟକ୍ରମ ଚାଲୁରହିଲା। ସୀତା ବିବାହ ଦୃଶ୍ୟ ବେଳେ, ଗାଁର ବୁଢିଆ ପଧାନ ସୀତାରୋଲ୍ କରିଥିବା ଲୋକକୁ ଧୋତିଟେ ଉପହାର ଦେବାର ଦୃଶ୍ୟ ଅତ୍ୟନ୍ତ ଆମୋଦକର ହୋଇଥିଲା।

ନାଟ ଆରମ୍ଭ ହେଇ ଚାରିଘଣ୍ଟା ହେଲା। ଏବେ ଆସିଲା ରେକଡ୍ ଡେନ୍‌ସ୍। ସବୁ ଲୋକ ଚୁପ୍‌ଚାପ ବସିଗଲେ। ଆମ ଗାଁ ଦାଣ୍ଡରେ ଏଇଟା ପ୍ରଥମ ଥର ହେଉଥିଲା।  ଦି ଥଳ ପାଖାପାଖ ପଚାଶ ଫୁଟ୍ ଦୂରରେ ଥିଲେ ବି ସେମାନଙ୍କ ମଝି ଯାଗାରେ କେହି ଠିଆ ହୁଅନ୍ତି ନାହିଁ, କାରଣ ଏଠାରେ ନାଟ ସହିତ ଏକ ସ୍ୱାସ୍ଥ୍ୟକର ପ୍ରତିଯୋଗିତା ବି ଥାଏ। ଯେମିତି କରଣ ଦୁଆରେ ରେକ୍‌ଡ ଡେନ୍‌ସ ଆରମ୍ଭ ହେଲା କାର୍ଜି ଦୁଆରେ ବି ଜିଦ୍ ରେ ରେକଡ୍ ଡେନ୍‌ସ ଆରମ୍ଭ ହେଲା। ହିନ୍ଦି ଗୀତର ତାଳେ ତାଳେ ଅର୍ଦ୍ଧ ନଗ୍ନ ପ୍ରାୟ ନାୟକ ନାୟିକାର ନାଟ ଦେଖି ଲୋକମାନଙ୍କ ମଧ୍ୟରେ ଏକ ଚାପା ଗୁଞ୍ଜରଣ ସୃଷ୍ଟି ହେଲା। ଏମିତି କା ନାଟ ହେବ ବୋଲି କିଏ ଭାବିନଥିଲେ। ପୁରା ଜବରଦସ୍ତ କାଂପିଟିସନ୍ ଯୋଗୁ ଦି ଥଳ ମଧ୍ୟରେ ଝଗଡା ଆରମ୍ଭ ହେବା ଦେଖି ରେକଡ୍ ଡେନ୍‌ସ୍ ସେତିକିରେ ରହିଲା, ଆଉ ନାଟ ପୁଣି ଆରମ୍ଭ ହେଲା।

ରାବଣ ସୀତା ହରଣ ଦୃଶ୍ୟ ହେବ ବୋଲି ଘୋଷଣା ହେଲାବେଳକୁ ଓଡଣା ଟେକି ଗାଁ ସ୍ତ୍ରୀରିଟିଏ ଆଖିରୁ ଲୁହ ପୋଛୁ ପୋଛୁ କହିଲେ, ସେ ରଇଜଳା, ରାବଣକୁ କିଏ କହିଲା ସୀତା ଭଳିଆ ମାଇପିଟାକୁ ନେବାକୁ। ତାକୁ ଆଉ କିଏ ମିଳୁନଥିଲେ। ହଇରେ ସେଇ କର୍ମପେଇଁ ତ ଲଙ୍କା ଜଳିଲା, ପୁଏ ମଇଲେ, ଯା, ଯାହ ପାପ କରିବ ଏଇ ଜନ୍ମରେ ଏକା ଫଳିବ ଲୋ ସର୍ଜିନୀ।' ତା' ପାଖରେ ବସିଥିବା ସରୋଜିନୀ କହିଲା, 'ଆଉ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ନାଇଁ ତ କିସ ଲୋ ନଖୀ(ଲକ୍ଷ୍ମୀ)। କଇଲା ଭଳିଆ ପାପ କଇଲେ କିଏ ପୁଣ୍ୟ ପାଇଚି କିବା?' ରାବଣ ସୀତାକୁ ହରଣ କଲା, ଗାଁ ମାଇପେ କାନ୍ଦିଲେ। ଲୁହ ପୋଛି ପୋଛି କାର୍ଜିଘର ବୁଡି କହିଲା, 'ହେ ଧର୍ମ, ହେ ବିଧାତା, ତୁ କୋଉଠି ଅଛୁ? ଦେଖ କେତେ ଅନ୍ୟାୟ ହେଉଚି ଦେଖ।'

ହନୁମାନ ଆସିବା ଦୃଶ୍ୟ ବେଳକୁ ସବୁ ସାବଧା ହେଇଗଲେ। କାରଣ ନାଟ ମାଷ୍ଟ୍ରେ ମାଇକ୍ ଧରି କହିଲେ, ଆମ ଗାଁ ହନୁମାନ ସବୁଠୁ ବେଶୀ ନଡିଆ ଖାଇବ, କଙ୍କରଡା ନାଟ ମାଷ୍ଟ୍ରେ କହିଲେ ଆମ ଗାଁ ହନୁମାନ ବେଶୀ ଖାଇବ। ବାସ୍ ଜିଦାଜିଦ୍ ବଢିଲା। ଦିଟା ହନୁମାନଙ୍କ ଯୁଦ୍ଧରେ ଗାଁ ଦାଣ୍ଡରେ ଯେତେ ନଡିଆ ଗଛ ଥିଲା ସବୁ ଲଣ୍ଡା ହେଇଗଲା। ଦାନ୍ତରେ ନଡିଆ ଛାଡିବା, ମୁଣ୍ଡରେ ପିଟି ଭାଙ୍ଗିବା ପାଇଁ ସେମାନଙ୍କୁ ଅଧିକ ଟ୍ରେନିଂ ଦିଆଯାଇଥିଲା ବୋଧହୁଏ। ସେ ଯା ହେଉ ଲଙ୍କା ପୋଡି ଦୃଶ୍ୟ ଆରମ୍ଭ ହେଲା, ଆଉ ହନୁମାନ ପିଠିରେ ବାଣ ବାନ୍ଧି ନିଆଁ ଲଗେଇଦେଲା ପରେ ସେ ଡେଇଁ ଡେଇଁ ଲଙ୍କ ପୋଡିକଲା। ସେତେବେଳକୁ କାର୍ଜି ଦୁଆରେଥିବା ହନୁମାନ ଲଙ୍କା ଯିବାକୁ ଆରମ୍ଭ କରୁଥିଲା। ଯେତେବେଳେ କାର୍ଜି ଦୁଆରେ ଲଙ୍କା ପୋଡି ହେବ ବୋଲି ଘୋଷଣା ହେଲା, କରଣ ଦୁଆରେ ନାଟ ମାଷ୍ଟ୍ରେ କହିଲେ ଆମେ ଆଉଥରେ ଲଙ୍କାପୋଡି କରିବା। ବାସ ନାଟକୁ ଅଧାରେ ରଖି ପୁଣି ଥରେ ପଛକୁ ଫେରି ଲଙ୍କା ପୋଡି କରାଗଲା।

ରାମ ସୀତାଙ୍କୁ ଉଦ୍ଧାର କଲା ବେଳକୁ ସକାଳ ପାହିଗଲା। ଗାଁ ଦାଣ୍ଡରେ ଲୋକ ସେମିତି ଅପଲକ ନୟନରେ ବସି ନାଟ ଦେଖୁଛନ୍ତି। ସ୍ତ୍ରୀ ଲୋକମାନେ ହୁଳୁହୁଳି ଦେଲେ ଆଉ ନାଟ ସରିଲା। ଦିନ ଦଶଟା ବେଳକୁ ଦି ଥଳ ନାଟ ସାରିଲେ ଆଉ କାର୍ଜି କରଣେ ବସି କଥା ବାର୍ତ୍ତା ହେଇ ନାଟବାଲାଙ୍କୁ ପ୍ରାଇଜ୍ ଦେଲେ। କରଣ ଦୁଆର ନାଟକର ହନୁମାନ ଆଉ କାର୍ଜି ଦୁଆରେ ନାଟକର ରାବଣକୁ ପୁରସ୍କାର ଦିଆଗଲା, ଦଶ ଗୋଟି ଭାରତୀୟ ମୁଦ୍ରା।

ଦିପହର ହେଉ ହେଉ ଘୋ ଘୋ ହେଉଥିବା ଗାଁ ଦାଣ୍ଡ ମଶାଣି ଭଳି ଖାଁ ଖାଁ ଲାଗିଲା। ଗାଁ ସାରା ଲୋକ ନିଘୋଡ ନିଦ୍ରାରେ ଶୋଇପଡିଲେ। ନାଟ ପାର୍ଟିକୁ ପଇସାପତ୍ର ଦେଇ କାମ ତୁଟେଇ କାର୍ଜି କରଣେ ଖାଇବାକୁ ଗଲେ। ସଞ୍ଜବେଳକୁ ନିଶା ଘାରିଲା ଭଳିଆ ଗାଁ ଲୋକ ଏକାଠି ବସିଲେ। କରଣେ ଖର୍ଚ୍ଚର ହିସାବ ପଡିଲେ। ଦେବାକୁ କେତେ ନେବାକୁ କେତେ। ଇତ୍ୟାଦି ଇତ୍ୟାଦି। ନାଟ ପାର୍ଟି ନେଲେ ଚାରି ଚାରି ଆଠ ହଜାର। ରେକଡ୍ ଡେନ୍ସ ବାଲା ନେଲେ ଚାରିଶ। ଲାଇଟ୍ ମାଇକ୍ ହୀନ ଗଉଡ ଦେଲା ତା ବାବଦକୁ ଆଠଶ। ଗାଁ ମୁଣ୍ଡରେ ଯୋଉ ତୋରଣଟା ହେଇଥିଲା ତା ବାବଦକୁ ଦେଡଶ। ନାଟପାର୍ଟି ଖିଆପିଆ ପାଇଁ ଦି'ଶ। ଇତ୍ୟାଦି ଅନ୍ୟାନ୍ୟ ଖର୍ଚ୍ଚ ମିଶେଇ ହେଲା, ନ' ହଜାର ଆଠ ଶହ ପଚିଶି ଟଙ୍କା ଆଠଣା। ଆଉ ଆୟ ହେଲା, କୋଠ ଘରୁ ପାଞ୍ଚହଜାର ଆଉ ଚାଉଳ ନାଟପାର୍ଟିର ଖିଆପିଆ ପାଇଁ। ବିଭିନ୍ନ ବେଶରୁ ମିଳିଲା, ତିନି ହଜାର ସାତଶ' ଅଶି। ଯାତ୍ରା ବେଳେ ଟିକସ ପାଉଣାରୁ ମିଳିଲା ଦି କୋଡି ତିନିଶ' । ସୁରାଟିଆ ମାନଙ୍କଠୁ ମିଳିଥିଲା ବାରଶ'। ଏମିତି ସବୁ ମିଶେଇ ହେଲା, ଦଶ ହଜାର ତିନିଶ' କୋଡିଏ ଟଙ୍କା। ମାନେ ନାଟ ସରିକି ବଳକା ହେଲା। ଚାରିଶ' ଚଉରାନବେ ଟଙ୍କା ଆଠଣା।

ଗାଁ ଲୋକ ଯା'ହେଉ ଭାରି ଖୁଶି। ଚାରେଣୀ କହିଲା ଆର ଥରକୁ ଭଲ ରେକଡ୍ ଡେନ୍ସ ଆଣିବା। କରଣେ କହୁଥିଲେ, 'ଥା' ରେ ପୁଅ ତୋ ଗୋଡ ଦିଟା ଭାଙ୍ଗି ଦେବି ଯେ ଗାଁ ଦାଣ୍ଡରେ ଚାଲିଲେ, ରେକଡ୍ ଡେନ୍ସ ଭଳିଆ ଲୋକ ଦେଖୁଥିବେ। ଗାଁ ଲୋକେ ହସୁଥିଲେ।

Space for Advertisement
Rs 300.00 Only for one Issue

Visit:
http://aahwaan.5gbfree.com/adwu.html
or See the Last page for details.

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଭାଗ୍ୟ

ନରେଶ୍, ନରେଶ୍

କହି କହି ରୁମ୍ ଭିତରକୁ ପଶି ଆସିଲା ସୀମା। ଯେଉଁ ବେଗରେ ଆସିଥିଲା, ନରେଶ୍ ଭାବିଲା ଆଜି, ସୁନାମୀ ନିଶ୍ଚୟ୍ ଆସିବ ନହେଲେ ପ୍ରଳୟ୍। ସୀମାର କଣ୍ଠର ଘର୍ଘରତା ଭିତରେ ନିଜ ଶ୍ୱାସର ନିଷ୍ଚଳ ଧ୍ୱନୀ ଖୋଜୁଥିବା ନରେଶ୍ ନିର୍ବାକ୍ ଦର୍ପଣ ସାମନାରେ ଠିଆ ହୋଇ କ୍ଷୌର ହେଉ ହେଉ ନଇଁ ପଡି ଦେଖିଲା। ଦାଣ୍ଡ ଆଡୁ ଝପଟି ଆସୁଥିବା ସୀମା ତାକୁ କ୍ଷତପ୍ରାପ୍ତ ଭୋକିଲା ସିଂହୀ ପରି ଲାଗୁଥିଲା।

ନରେଶ କିଛି କ୍ଷଣ କ୍ଷୌର ହେବାରୁ ବିରତ ହୋଇ ସୀମାକୁ ଚାହିଁ ରହିଲା।

'ଇସ୍, ତୁମେ ଆହୁରି ତୟାର ହେଇନ? ମୁଁ ଜାଣିଛି ପରା, ତୁମେ ସବୁବେଳେ ସେମିତି। ଆରେ, ମୋ ମୁହଁକୁ ଚାହିଁଛ କଣ? ଜଲଦି ବାହାର ସିନେମା ଆରମ୍ଭ ହେଇଯିବ ଯେ?' ସୀମା କହିଗଲା। ନରେଶ୍ ନିର୍ବାକ୍ ଠିଆ ହୋଇ ରହିଥିଲା। ସୀମା ତା ହାତକୁ ହଲେଇ ଦେଇ କହିଲା, 'ଏଇ, କଣ ଭାବୁଛ? ଚାଲ।'

ନରେଶ୍ କହିଲା, 'ଆଜି ମୁଁ ନ ଗଲେ ଚଳିବନି? ମୋ ଦେହ ଟିକେ ଭଲ ଲାଗୁନି, ଆଉ ଅଫିସରେ ବି କେତେ କାମ ଅଛି।' ସୀମା ରୋକ୍‌ଠୋକ୍ ଜଣେଇ ଦେଲା,'ନାଇଁ ଚଳିବନି।'

ଅଗତ୍ୟା ନରେଶ୍ ଚୁପ୍‌ଚାପ୍ କ୍ଷୌର ହେବାରେ ମନ ଲଗାଇଲା। ସୀମା ଏପାଖ ସେପାଖ ହେଉ ହେଉ କହିଲା, 'କଣ ମ' ଝିଅ ମାନଙ୍କ ଭଳି ହେଉଛ। ଶୀଘ୍ର ବାହାର।' ନରେଶ୍ କହିଲା, 'ସୀମା, ତୁମେ ଆଗରେ ଯାଅନା, ଟିକେଟ୍ କରିନିଅ, ମୁଁ ଠିକ୍ ସମୟ୍‌ରେ ପହଞ୍ଚିଯିବି।' ସୀମା କହିଲା, 'ତୁମେ ସବୁବେଳେ ସେମିତି।' ସୀମା ଚାଲିଗଲା।

ନରେଶ୍ ମୁହଁରୁ ଖିଅର ସାବୁନ୍ ଫେଣ ଧୋଇଦେଇ ଦର୍ପଣରେ ନିଜ ମୁହଁକୁ ଚାହିଁଲା। ବୟସ ଡଳିଗଲା ପରି ଦିଶୁଥିବା ତା' ମଉନ ଚେହେରାକୁ ଦେଖି ନିଜେ ଆଖି ଫେରେଇ ନେଲା। କାନ୍ଥିରେ ଝୁଲୁଥିବା ଦର୍ପଣରେ ଶେଯତଳେ ଦବି ଅଧା ଇସ୍ତ୍ରୀ ଦେଲାପରି ସାର୍ଟପେଣ୍ଟ ଦିଟା ପିନ୍ଧି ମୁଣ୍ଡରୁ ଝଡି ଯାଉଥିବା ବାଳକୁ ସଜାଡିଦେଲା। ଆଖି ତଳ କଳାପଡି ଗଲାଣି। ଦେହ ଶୁଖି ଗଲାଣି। ସ୍କୁଲ୍‌ରେ ପଢୁଥିବା ବେଳେ ଅନେକ ସମୟ୍‌ରେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ପୁରସ୍କାର ପାଇଥିଲା ସେ।

ଝରକା ସେପାଖରେ ଦେଖିଲା ଜୀବନ ଚିରଚରିତ ଢଙ୍ଗରେ ଚାଲିଛି। ଲୋକବାକ ସବୁଦିନ ପରି ଗହଳି ହେଇଛନ୍ତି। ହାତ ଘଣ୍ଟାରେ ଚାବି ଦେଉ ଦେଉ ସମୟ୍‌କୁ ଦେଖି ଚମକି ପଡିଲା। ଆଉ ମାତ୍ର ଅଧ ଘଣ୍ଟାରେ ସିନେମା ଆରମ୍ଭ ହେବ। ତର ତର ହେଇ ବସାରୁ ବାହାରି ଆସିଲା ସେ। ତେଣେ ସିନେମା ହଲ୍ ସାମନାରେ ସୀମା ଅପେକ୍ଷା କରିଥିବ। ଯିବି କି ନାହିଁ, ଭାବି ଭାବି ସାଇକେଲ୍‌ର କେଁ କଟର୍ ଶବ୍ଦ ଛୁଟେଇ ଆଗେଇ ଗଲା। ମାସର ଅଧା ବି ହେଇନି। ପକେଟ୍‌ରେ ମାତ୍ର ଦୁଇଟା ଶହେ ଟଙ୍କିଆ ନୋଟ୍ ବ୍ୟତୀତ କିଛି ଚିଲିରା ଝଣ ଝଣ ହେଉଛନ୍ତି। ଆହୁରି ପନ୍ଦର ଦିନ ଅଛି, ଘରକୁ ଅଧିକ ପଇସା ପଠାଇବା ପାଇଁ ବାରମ୍ବାର ଚିଠି ଆସିବା ସତ୍ତ୍ୱେ ସେ ସେଇ ଅଳ୍ପ ପଇସାତକ ହିଁ ପଠାଇ ଚୁପ୍ ରହିଛି।

ସହରକୁ ଆସିବା ବେଳେ ନନା ଦେଇଥିବା ଦି'ଶହ ଟଙ୍କାରେ ଯୋଉ ଦି ଯୋଡା ପେଣ୍ଟ୍ ସାର୍ଟ୍ କରିଥିଲା, ସେଇ ଦି'ଟାକୁ ସେ ଯେତେ ଥର ଧୁଆଧୋଇ କରି ପିନ୍ଧିଲାଣି, ତାହା ଅନେକେ ଶୁଣିଲେ ବିଶ୍ୱାସ କରିବେନି। ସେ ଯା' ହେଉ ଖଟ ତଳେ ଥିବା ଟ୍ରଙ୍କରେ ମାତ୍ର ଏଇ ଦୁଇ ହଳ ହିଁ ଅଛି ତା'ର। ସିନେମା ହଲ୍ ବାହାରେ ପହଞ୍ଚି ସେ ଅଟକି ଗଲା। ନିଜ ପକେଟ୍ ଉପରେ ହାତ ବୁଲେଇ ସେ ପୁଣିଥରେ ଭାବିଲା, ଯଦି ସିନେମା ହଲ୍ ଭିତରକୁ ଯିବ, ସୀମାର ବିଭିନ୍ନ ତାଗିଦ୍ ଉପରେ ଖର୍ଚ୍ଚ ହେବାଟା ହେବ। ସେଇଠୁ, ସାମନାରୁ ଆସୁଥିବା ରବି ଉପରେ ତା ଦୃଷ୍ଟି ପଡିଲା। ସେ ରବିକୁ ଦେଖି ଖୁସି ହେଇଗଲା। ରବି ନରେଶ୍‌ର ପିଲା ଦିନର ସାଙ୍ଗ, ଦି'ଜଣ ମିଶି ଏକାଠି ସହର ଆସିଥିଲେ। ସେ ଯା'ହେଉ ରବି ହାତରେ ସିନେମା ଆସିବା ସମ୍ଭବ ନାହିଁ କହି ନରେଶ୍ ସେଇଠୁ ସାଇକେଲ୍ ଛୁଟାଇ ବାହାରି

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଗଲା ।

ସନ୍ଧ୍ୟା ସାତଟା ବେଳକୁ ପାର୍କ ବେଞ୍ଚ ଉପରେ ବସି ବସି ନିଜର ଭୁତ ଓ ଭବିଷ୍ୟ ବିଷୟରେ ଚିନ୍ତା କରୁଥିଲା ନରେଶ୍ । ମାଟ୍ରିକ୍ ପାସ୍ କଲାପରେ ପାଠର ଡୋରି ବନ୍ଧାପଡିଲା । ଗରିବ ବାପାଙ୍କ ଅସହାୟତା ତାକୁ ବାଧ୍ୟ କରିଥିଲା, ପାଠକୁ ସେଇଠି ବନ୍ଦ କରିବା ପାଇଁ । ବର୍ଷେ ଦୁଇବର୍ଷ ଘରେ ଚୁପ୍ ଚାପ୍ ବସିବସି ହାତଗୋଡ ବନ୍ଧାପଡିଲା ବେଳକୁ ରବି ଦିନେ ଆସି କହିଲା, ସହର ଯିବାପାଇଁ । ଗରିବ ଘର ପୁଅ ଯୁଆଡେ ଯିବ ଖଟି ଖାଇବ, ଆଉ ଯଦି ହାତକୁ ଦି ପଇସା ଆସିଲା, ଘରକୁ ପଠେଇବ ଭାବି ବାପ ତା'ର ହାତରେ ଦି'ଶହ ଟଙ୍କା ଦେଇଥିଲା । ସହର ଆସି, କେତେ ଯାଗାରେ ସେ କାମ କରୁଥିଲା, ତା ହିସାବ ନାହିଁ । ସେ ଯା'ହେଉ ସହରୀ ସଭ୍ୟତା ଭିତରେ ସେ ହଜି ଯାଇଥିଲା । ଭଲ ହାତକୁ ଦି ପଇସା ବି ଆସିଲା । ମାତ୍ର ଘରୁ ବାରମ୍ବାର ଚିଠି ଆସିବା ପରେ, ସେ କିଛି କରି ପାରିନଥିଲା । ସେଇ ଦି ହଳ ଡ୍ରେସ୍ ପିନ୍ଧି ଚାରିବର୍ଷ ବିତେଇ ଦେଲା ।

ଆଜି ସେ କାମ କରୁଛି, ଉଚ୍ଚ ଅଫିସରେ ଚପରାସୀ ଅଛି । ଦରମା ଆଉ ହାତଗୁଞ୍ଜା ମିଶି ମାସକୁ ଦେଢ ହଜାର ମିଳୁଛି । ଗୋଟିଏ ବଖରା ଭଡାଘରଟିଏରେ ଚାରିଜଣ ସାଙ୍ଗ ଭାଗବଣ୍ଟା ହେଇ ରହିଛନ୍ତି । ଗାଁରେ ତେଣେ ଘରେ ଦି ଦିଟା ବାହା ଯୋଗ୍ୟ ଭଉଣୀ ବସିଛନ୍ତି, ସେମାନଙ୍କୁ ବାହା କରିବା ଦାୟିତ୍ୱ ନରେଶ୍ର ବୋଲି ତା' ବାପା କହିଦେବା ପରଠାରୁ ସେ ସେଇ ଦି ହଳ ସାର୍ଟପେଣ୍ଟକୁ ନିଜସ୍ୱ କରିଦେଇଛି । ଯାହା ଦରମା ପାଉଛି, ମେସ୍ ଖର୍ଚ୍ଚ ଦେଇ ଖାଇବା ଖର୍ଚ୍ଚ ମିଶେଇ ଚାରିଶହ ବାଦେ ଦି ଶହ ହାତରେ ରଖି ନ' ଶହ ଟଙ୍କା ଘରକୁ ପଠେଇ ଦେଉଛି । ଦି ଭଉଣୀ ପାଠ ପଢି ନାହାନ୍ତି ବୋଲି ଅନେକ ଥର ବାହା ପ୍ରସ୍ତାବ ପଡି କି ମଧ୍ୟ ଭାଙ୍ଗି ଯାଇଛି ।

ଏମିତି ସହରରେ ଚାରିବର୍ଷ ରହିବା ଭିତରେ ମିଳିଛି ସୀମା । ଅସୀମ ଆଶାର ଗନ୍ତାଘର ସେଇ ସୀମାକୁ ପାଇବା ଦିନଠୁ ଅବଶ୍ୟ ଅନେକ ଦୁଃଖ କଷ୍ଟ ଭୁଲିଯାଇଛି । ଏକାନ୍ତରେ ବସି ସୀମାକୁ ନିଜ ସବୁ ଦୁଃଖ କହି ନିଜକୁ ହାଲୁକା କରିବାରେ ସକ୍ଷମ ହୋଇଛି । ମାତ୍ର ସହରୀ ଝିଅ ସୀମା ଭାରୀ ଖର୍ଚ୍ଚି । ବେଳେ ବେଳେ ତା'ର ଖର୍ଚ୍ଚ ସୀମା ଦେଖିଲେ ନରେଶ୍ର ଛାତି ଭିତରଟା କେମିତି କେଜାଣି ଘାଣ୍ଟି ହେଇଯାଉଛି । ହଠାତ୍ କନ୍ଷ୍ଟେବଲ୍ର ବାଡିର ଠୁକ୍ ଠୁକ୍ ଆବାଜରେ ତା ନିଦ ଭାଙ୍ଗିଗଲା । ପାର୍କରୁ ବାହାରି ବସାକୁ ଛୁଟିଲା । ବସାରେ ପହଞ୍ଚିଲା ବେଳକୁ ରାତି ଦଶ । ରବି କହିଲା, ସୀମା ଆସିଥିଲା । ଅଧଘଣ୍ଟା ଅପେକ୍ଷା କଲା । ନରେଶ କିଛି ନ ଶୁଣିଲା ପରି ଗଲା ପେଣ୍ଟସାର୍ଟ ଉତାରି ଦେଇ ଫୋଲ୍ଡିଂ କରି ଖଟର ଶେଯତଳେ ରଖିଦେଇ ହାତପାଦ ଧୋଇ ଖାଇବାକୁ ବସିଲା । ରବି ଆସି ପାଖରେ ବସି କହିଲା, କୁଆଡେ ଯାଇଥିଲୁ? ନରେଶ ରବିକୁ ଚାହିଁଲା । ରବି ସବୁ ବୁଝିଗଲା । ଗାଁରୁ ଆସିଥିବା ଚିଠି ଖଣ୍ଡେ ଦେଇଗଲା, ଜଣେ ସାଙ୍ଗ । ଚିଠି ଖୋଲି ପଢୁଥିଲା ନରେଶ,;

ଭାଇ ଜାଣିବୁ,

ମାମୀ ନାନିକୁ ଦେଖିବାକୁ ପୁଅ ଘର ଆସିଥିଲେ, କହିଲେ ବାହାଘର ଏ ସନ କଲେ ସେମାନେ କରିବେ ନଇଲେ ଅନ୍ୟ କୋଉଠି ଝିଅ ଦେଖିବେ । ନନା ଆକାଶକୁ ଚାହିଁ ବସିଚନ୍ତି, ପୁଅଘର ଯଉତୁକରେ ପାଞ୍ଚହଜାର ଟଙ୍କା ମାଗୁଛନ୍ତି । ନନା ମନା କରିଦେଉଥିଲେ । କିନ୍ତୁ ମୁଁ କହିଲି ଭାଇକୁ ପଚାର ।

ଇତି ତୁମ ଭଉଣୀ

ସୁନି

ନରେଶର କପାଳ ଝାଳରେ ଭରିଗଲା । ପାଞ୍ଚ ହଜାର ଟଙ୍କା କୋଉଠୁ ଆଣିବ । ଦେଢ ହଜାର ଟଙ୍କାର ଚାକିରୀରେ ସେ ଯେତେ ପାରୁଥିଲା, ଘରକୁ ଦେଇଥିଲା, ରବି ଚିଠି ପଢି କହିଲା, ନଇଲେ ଆମେ ସବୁ ମିଶି ଗୋଟେ ମାସର ଦରମା ତତେ ଦେଇଦେବୁ, ତୁ ଚିନ୍ତା କରନି । ସେ ଦିନ ରାତିରେ ସେ ଅବଶ୍ୟ ଶୋଇପାରିଲା ନାହିଁ । ଆଗରୁ ବି ତ ସେ କେତେ ବାକି ବକରରେ ଅଛି ।

ସକାଳ ପହରୁ କାମକୁ ବାହାରି ଯିବା ପୂର୍ବରୁ ସୀମା ଆସି ପହଞ୍ଚିଗଲା । ନରେଶ୍ ଏହା ଜାଣିପାରି ରବିକୁ ଠାରି ଦେଉଥିଲା ସେ ନାହିଁ ବୋଲି କହିବା ପାଇଁ, କିନ୍ତୁ ହଠାତ୍ ସୀମା

Nyasa Nabodita Presents

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଭିତରକୁ ପଶିଆସିଲା। ନରେଶ୍ ଚୁପ୍‌ଚାପ ନିଜ କାମରେ ବ୍ୟସ୍ତ ହୋଇଗଲା। ସୀମା କହିଲା। 'କ'ଣ ହେଲା? ଏମିତି ଚୁପ୍‌ଚାପ୍ କାହିଁକି? କାଲି ତୁମେ ସିନେମା ଆସିଲନି କାହିଁକି?' ନରେଶ ସୀମାକୁ ନ ଦେଖି କହିଲା, 'କାମଥିଲା ପଳେଇଲି।' ସୀମା କହିଲା, 'ରବିବାର ତୁମର କି କାମ?' ନରେଶ୍ କହିଲା, 'ମୋର କି କାମ, କଣ ତୁମେ ସବୁ ଜାଣିବା ଦରକାର?' ସୀମା ଚୁପ୍ ହୋଇଗଲା। ନରେଶ୍ ନିଜ ପୋଷାକ ପିନ୍ଧି କାମକୁ ବାହାରି ଗଲା। ସେଇଠି ଠିଆ ହୋଇ ସୀମା ତା ଯିବା ବାଟକୁ ଚାହିଁ ରହିଥିଲା।

ରବି ଆସି ସୀମାକୁ ଧରିଲା। ଆଖି କୋଣରୁ ଝରି ଆସୁଥିବା ଲୁହ ଦି ଟୋପାକୁ ଲୁଚେଇବାକୁ ଚେଷ୍ଟା କରୁ କରୁ ସୀମା କାନ୍ଦି ପକାଇଲା। ରବି ପାଖରେ ବସାଇ କହିଲା, ନରେଶ୍‌ର ଭଉଣୀକୁ ଦେଖିବାକୁ ଲୋକ କାଲି ଗାଁକୁ ଯାଇଥିଲେ ତ, ସେଇଥି ପାଇଁ ସେ ଟିକେ ଟେନ୍‌ସନରେ ଅଛି। ସୀମା କହିଲା, ତା'ହେଲେ କଣ ମୋତେ କହିଥିଲେ ହୋଇନଥାନ୍ତା? ସୀମା ଚାଲିଗଲା। ତିନିଚାରିଦିନ ପର୍ଯ୍ୟନ୍ତ ସୀମାର ଦେଖା ମିଳିଲା ନାହିଁ। ନରେଶ୍ ଭାରୀ ବ୍ୟାକୁଳ ହେଉଥିଲା କିନ୍ତୁ କାହାକୁ କହିପାରୁ ନଥିଲା। ରବି ରାତିରେ ଖାଇବା ସମୟରେ କଥା ହେଉ ହେଉ ଏମିତି କହିଲା, ଶୁଣିଲି ସୀମାକୁ ଦେଖିବାକୁ ଲୋକ ଆସିଥିଲେ। ନରେଶର ଖାଇବା ତା ଗଳାରେ ଅଟକି ଗଲା। କାଶି କାଶି ସେ ଖାଇବାକୁ ଗିଳିଦେଇ ଅଧାଖିଆ ଉଠିଗଲା।

ଆରଦିନ ଅଫିସରେ କାମରେ ମନ ଲାଗିଲା ନାହିଁ। ବଡବାବୁ ପାଖକୁ ଡାକି କହିଲେ, 'କଣ ହେଲା, ନରେଶ୍? ଚାରିବର୍ଷ ହେଲା ତୁମେ ଏଇଠି କାମ କରୁଛ, ଏମିତି କେବେ ଦେଖିନି ତୁମକୁ। ଆଜିକାଲି ଏତେ ଡିପ୍ରେସେଡ୍ କାହିଁକି ରହୁଛ?' ବଡବାବୁଙ୍କ ମୁହଁକୁ ବିକଳ ହୋଇ ସେ ଚାହିଁରହିଲା। ବଡବାବୁ ସାମାନ୍ୟ ହସିଦେଇ କହିଲେ, 'ଯାଅ, ପାତ୍ରୀ ବାବୁଙ୍କୁ କହିଦିଅ, ଆଜି ତୁମର ଦରମା ବଢାଇବା ପାଇଁ କହିଦେବା।' ନରେଶ୍ ଆଶ୍ଚର୍ଯ୍ୟ ହୋଇ ବଡବାବୁଙ୍କ ମୁହଁକୁ ଚାହିଁ ରହିଲା। ବଡ ବାବୁ କହିଲେ ଏବେ ତୁମେ ଆଉ ପିଉନ୍ ନୁହଁ, ଯାଅ ତୁମକୁ ମେସେଞ୍ଜର ପୋଷ୍ଟ ଦିଆଗଲା, ମାସକୁ ଅଢେଇ ହଜାର ଟଙ୍କା ପାଇବ।' ନରେଶ ଆଖିରେ ଲୁହଧାର ଆସିଗଲା। ବଡବାବୁଙ୍କ ଗୋଡତଳେ ବଡ ମୁଣ୍ଡିଆଟେ ମାରିଦେଇ ଅଫିସରୁ ବାହାରି ଯାଇ ସିଧା ସିନେମା ହଲ୍‌ରୁ ଦିଟା ଟିକେଟ୍ କାଟି ବସାକୁ ଗଲା। ସୀମାକୁ ଖବର ଦେବାକୁ ଚାହିଁଲା ବେଳକୁ ସୀମା ଆସି ବସାରେ ପହଞ୍ଚିଗଲା। ନରେଶ୍ ନିର୍ବାକ୍ ସେମିତି ସିନେମା ଟିକେଟ୍ ଦିଟା ସୀମା ହାତକୁ ବଢେଇଦେଇ ମୁହଁ ଧୋଇବାକୁ ବାହାରି ଯିବାବେଳେ, ସୀମା ତା ହାତ ଧରି ପକାଇଲା। ନରେଶ ବୁଲି ଚାହିଁଲା, କାହିଁକି ସୀମା ତା ଟିକେଟ୍ ଫେରାଇଦେଲା ଭାବି।

ସୀମାର ହାତରେ ସିନେମା ଟିକେଟ୍ ନଥିଲା। ଲଫାଫା ଖୋଲି ନରେଶ୍ ନିମନ୍ତ୍ରଣ ପତ୍ରଟି ପଢିଲା। ଆଗାମୀ ସପ୍ତାହରେ ସୀମାର ବାହାଘରର ନିମନ୍ତ୍ରଣ ପତ୍ର ଥିଲା। ନରେଶ ସାମାନ୍ୟ ହସିଦେଲା, ସୀମା ହାତରୁ ସିନେମା ଟିକେଟ୍ ଦିଟା ନେଇ ଚିରିଦେଇ ରୁମ୍ ଭିତରକୁ ପଶିଗଲା। ଦୁଆର ପାଖରେ କିଛି କ୍ଷଣ ରହି ସୀମା ଚାଲିଯାଉ ଯାଉ, ବାପା ଆସି ପହଞ୍ଚିଗଲେ। ବାପାଙ୍କୁ ଦେଖି ଆଖିରୁ ଦୁଇଧାର ଲୁହ ଝରି ଆସିଲା। ଆଉ ଦି ମାସପରେ ବଡ ଝିଅର ବାହାଘର ଠିକ୍ ହେଲା ବୋଲି କହିଲେ ସେ। ନରେଶ୍ ହସିଦେଇ କହିଲା, ଆଉ ଚିନ୍ତା କରନି ନନା, ମାମୀର ବାହାଘର ଖର୍ଚ୍ଚ ସବୁ ମୁଁ କରିବି।

# ରଥେ ତୁ ବାମନଂ ଦୃଷ୍ଟ୍ୱାଂ

ଶ୍ରୀ ନିର୍ମଳ ମିଶ୍ର

ବିଶ୍ୱପ୍ରସିଦ୍ଧ ରଥଯାତ୍ରା କାଳରେ ବିଶ୍ୱ ପ୍ରାଣ ଜଗନ୍ନାଥ ନନ୍ଦିଘୋଷ ରଥରେ ବାମନ ଭାବରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାଆନ୍ତି। ଶ୍ରୀ ଜଗନ୍ନାଥଙ୍କ ବାମନ ସ୍ୱରୂପ ଏବଂ ରଥସ୍ଥିତ ବାମନ ସ୍ୱରୂପ ସଂପର୍କରେ ଏଥର କିଛି ଆଲୋଚନା କରାଯାଉ। ବିଷ୍ଣୁ ସ୍ୱରୂପୀ ଜଗନ୍ନାଥ ଆଷାଢ ମାସରେ ବାମନ ଭାବେ ପୂଜିତ ହୋଇଥାଆନ୍ତି। 'ବ୍ରହ୍ମ ପୁରାଣ'ରେ ଜଗନ୍ନାଥଙ୍କୁ ବାମନ ରୂପେ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଅବତାରଣା କରାଯାଇ କୁହାଯାଇଛି,;

*ନମୋ ବାମନରୂପାୟ୍ ନମୋ ବାମନ କର୍ମଣେ*
*ନମୋ ବାମନ ନେତ୍ରାୟ୍ ନମୋ ବାମନ ବାହିନେ ।।*

ବ୍ୟାସକୃତ 'ପରମ୍ବ୍ରହ୍ମସ୍ତୋତ୍ରଂ'ରେ ଜଗନ୍ନାଥଙ୍କୁ ବାମନ ରୂପରେ ଚିତ୍ରଣ କରାଯାଇ କୁହାଯାଇଛି,

*କସ୍ୟପସ୍ୟ ଗୃହେ ଭୂତ୍ୱାମାୟ୍ୟା ବଟୁ ବାମନଃ*
*ଛଳୟିତ୍ୱା ବଳିଂନାଥ । ଶକ୍ରମିନ୍ଦ୍ରଂ କୃତୋଽସିହି ।।*

'ଶ୍ରୀ ଜଗନ୍ନାଥ ସହସ୍ରନାମ ସ୍ତୋତ୍ରଂ' ରେ ବାମନ ରୂପୀ ଜଗନ୍ନାଥଙ୍କୁ କୁହାଯାଇଛି;

*ବଳି ବିଶ୍ୱ ବଳାଚାରୀ ବଳଦୋ ବଳିବାମନଃ*
*ଦରହାସଃ ଶରଚ୍ଚନ୍ଦ୍ରଃ ପରମଃ ପରପାଳକଃ ।।*

ଏଥର ଆଷାଢ ମାସରେ ରଥାରୂଢ ଜଗନ୍ନାଥଙ୍କର ବାମନ ସ୍ୱରୂପ ବିଷୟ୍ରେ କିଛି କୁହାଯାଉ । 'ଇନ୍ଦ୍ରନୀଳମଣି' ପୁରାଣରେ ଏହି ମର୍ମରେ କୁହାଯାଇଛି, 'ନନ୍ଦିଘୋଷ ରଥାରୂଢଃ ପ୍ରତ୍ୟକ୍ଷ ବାମନ ସ୍ୱୟଂ । ରଥସ୍ଥିତ ଜଗନ୍ନାଥଙ୍କୁ 'ବାମନ' ଭାବେ ପରିଚିତ କରାଇ 'ବାମଦେବ ସଂହିତା'ରେ ଶିବ ପାର୍ବତୀଙ୍କୁ କହିଛନ୍ତି;

*ରଥସ୍ଥିତଂ ବାମନ କଂ ଚ ପଶ୍ୟେତ*
*ସଙ୍କର୍ଷଣଂ ବାଽ ପି ହି ଯସ୍ତୁ ପଶ୍ୟେତ୍*
*ଭଦ୍ରାଂ ତଥା ଜାପି ରଥସ୍ଥିତାଂଚ*
*ସ ଯାତି ନିତ୍ୟ ହରିଧାମ ପୂତମ୍ ।।*

'ସୁତ ସଂହିତା'ରେ ପ୍ରକାଶ କରାଯାଇଛି, 'ରଥେ ତୁ ବାମନଂ ଦୃଷ୍ଟ୍ୱାଂ ପୁନର୍ଜନ୍ମଂ ନ ଭୂୟ୍ତେ' । 'କପିଳ ସଂହିତା'ରେ ଠିକ୍ ଏହି କଥା ଉଲ୍ଲେଖ କରାଯାଇଛି, ଯଥା; 'ରଥସ୍ଥଂ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭତେ' । ରଥ ଉପରେ ବାମନ ସ୍ୱରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ ତାପତ୍ରୟ୍ ନଷ୍ଟ ହେବା ମତ 'ନୀଳାଦ୍ରି ମହୋତ୍ସବ କାବ୍ୟ'ରେ ବ୍ୟକ୍ତ କରା ଯାଇଛି । ଏହି କାବ୍ୟରେ କବି ଲୋକନାଥ ବିଦ୍ୟାଧର ଲେଖିଛନ୍ତି;

*ସାନ୍ଦ୍ର ରଥସ୍ଥ ବାମନ ସ୍ୱରୂପ । ଦରଶନ କରି ଲୋକ କଳାପ ।*
*ତାପତ୍ରୟ୍ ଆଦି କରି ସମସ୍ତ । ଅବହେଳାରେ କରନ୍ତି ବିଧ୍ୱସ୍ତ ।।*

ଏଥର ରଥ ଉପରେ ବାମନ ସ୍ୱରୂପ ଜଗନ୍ନାଥଙ୍କ ଦର୍ଶନର ତାତ୍ପର୍ଯ୍ୟ ସଂପର୍କରେ କିଛି ଚର୍ଚ୍ଚା କରାଯାଉ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ସ୍ନାନଯାତ୍ରା ପରେ ହିଁ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀ ଜଗନାଥଙ୍କର ସ୍ନାନଯାତ୍ରା ଦର୍ଶନ କରି ଯିଏ ପବିତ୍ର ହୋଇଛି, କିମ୍ବା ମହାପ୍ରଭୂଙ୍କର ସ୍ନାନଜଳରେ



ବିଧୌତ ହୋଇ ଯାହାଙ୍କର ଜ୍ଞାନ ଚକ୍ଷୁ ଉନ୍ମୀଳିତ ହୋଇଛି, ସେହି ଜଗନ୍ନାଥଙ୍କୁ ନିଜ ଦେହ ରଥରେ ବାମନ ରୂପରେ ଦର୍ଶନ କରିଥାଆନ୍ତି ।

ଅଙ୍ଗୁଷ୍ଠ ମାତ୍ର ଏହି ଆତ୍ମା ପୁରୁଷ ରଥୀ ଭାବରେ ସମସ୍ତ ଦେହ ରଥରେ ଅବସ୍ଥାନ କରିଛନ୍ତି । ଅନ୍ତଦୃଷ୍ଟି ଉନ୍ମୀଳିତ ନହେଲେ, ଏହି ଆତ୍ମା ପୁରୁଷଙ୍କର ଦର୍ଶନ ମିଳେ ନାହିଁ । ବାହ୍ୟ ଦୃଷ୍ଟିରୁ ଦେଖିଲେ ରଥଯାତ୍ରାର ପ୍ରକୃତ ମୂଲ୍ୟ ଉପଲବ୍ଧି କରିହୁଏ ନାହିଁ । ଅନ୍ତଦୃଷ୍ଟି ବଳରେ ଦେଖିଲେ, 'କଠୋପନିଷଦ'ର ଆତ୍ମତତ୍ତ୍ୱ ରହସ୍ୟ ଏହି ରଥଯାତ୍ରା ସହିତ ସଂପୃକ୍ତ ଥିବାର ଉପଲବ୍ଧି କରିହୁଏ । 'କଠୋପନିଷଦ'ରେ କୁହାଯାଇଛି;

*ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବଚ,*
*ବୁଦ୍ଧିଂ ତୁ ସାରଥୀଂ ବିଦ୍ଧି ମନଃ ପ୍ରଗ୍ରହମେବଚ ।।*

ଅର୍ଥାତ୍, ଆତ୍ମା ହେଉଛି ରଥୀ ଓ ଶରୀର ହେଉଛି ରଥ । ବୁଦ୍ଧି ଏହି ରଥର ଚାଳକ ବା ସାରଥୀ ଓ ମନ ହେଉଛି

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା



ଏହାର ଲଗାମ୍। ଇନ୍ଦ୍ରିୟ ମାନେ ହେଉଛନ୍ତି ଏହାର ଅଶ୍ୱ ଏବଂ ସଂସାରର ବିଷୟମାନ ହେଉଛି ଏହି ଅଶ୍ୱମାନଙ୍କର ବିଚରଣ ମାର୍ଗ। ଜୀବାତ୍ମା ପରମାତ୍ମାଙ୍କ ଠାରୁ ବିଛିନ୍ନ ରହି ସଂସାରର ଅନିତ୍ୟ ସୁଖଶାନ୍ତି ଅନ୍ୱେଷଣରେ ବ୍ୟସ୍ତ - ବିବ୍ରତ। ଜୀବାତ୍ମାକୁ ସୁଖଶାନ୍ତି ଦେବାପାଇଁ, ଅଜ୍ଞାନର ଅମା ଅନ୍ଧାର ଦୂରକରି ପୂଣ୍ୟମୟ ଆଲୋକିତ ପଥରେ ପରିଚାଳିତ କରିବା ପାଇଁ ଶରୀରରୂପୀ ରଥ ରୂପରେ ପରମାତ୍ମା ରଥୀ ସ୍ୱରୂପ ବିରାଜମାନ। ଉତ୍କଳୀୟ କବି ଦ୍ୱାରକା ଦାସ ଦେହକୁ ରଥଭାବରେ କଳ୍ପନା କରି, ସେଥିରେ ମନ ରୂପକ ରାଜା ବିହାର କରନ୍ତି ବୋଲି ଦର୍ଶାଇଛନ୍ତି।

ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଦ୍ୱାରା ରଚିତ, 'ତତ୍ତ୍ୱମାଳା' ପୁସ୍ତକରେ ଶ୍ରୀ ଶ୍ରୀ ରଥଯାତ୍ରା ପ୍ରବନ୍ଧରେ ରଥ ଓ ବାମନ ତତ୍ତ୍ୱ ଯେଭଳି ଭାବେ ବର୍ଣ୍ଣିତ ହୋଇଅଛି, ତାହା ଏଠାରେ ପ୍ରଣିଧାନଯୋଗ୍ୟ। ନିଗମାନନ୍ଦ ଠାକୁର ଲେଖିଛନ୍ତି,

'ଯେଉଁ ସାଧକ ଆପଣାର ଦେହ ରଥରେ ଆତ୍ମା ସ୍ୱରୂପ ଜଗନ୍ନାଥ ଦେବଙ୍କୁ ବାମନ ରୂପରେ ଦର୍ଶନ କରନ୍ତି, ତାଙ୍କର ଆଉ ପୁନର୍ଜନ୍ମ ହୁଏନାହିଁ। ଡ ଡ ଡ ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ। ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ସମସ୍ତେ ପରିପୂର୍ଣ୍ଣ ପ୍ରାଣରେ ଭକ୍ତି ସହକାରେ ରଥାରୂଢ ଜଗନ୍ନାଥଙ୍କୁ ଦର୍ଶନ କରି ଯାଆନ୍ତି।ଡ ଡ ଡ ଯୋଗୀ ଓ ଭକ୍ତମାନେ ଏହି ଦେହକୁ ରଥବୋଲି କଳ୍ପନା କରିଛନ୍ତି। ରଥ ଯେପରି ତ୍ରିତଳ ବିଶିଷ୍ଟ, ବାମନ ଦେହ ମଧ୍ୟ ସହସ୍ରାର, ହୃଦୟ ଓ ମୂଳାଧାର ଚକ୍ରରୂପରେ ତ୍ରିତଳ ବିଶିଷ୍ଟ। ଉର୍ଦ୍ଧ୍ୱତମ ଚକ୍ରରେ ସହସ୍ରଦଳ କମଳରେ ଶ୍ରୀ ଶ୍ରୀ ବାମନ ଦେବ ଅର୍ଥାତ୍, ଜଗନ୍ନାଥ ଦେବ ବିରାଜିତ ଅଛନ୍ତି। ବାମନ ଅବତାରରେ ସେ ତ୍ରିଭୂବନ ଅଧିକାର କରିଛନ୍ତି। ଏହି ହେତୁରୁ ସେ ଜଗତର ନାଥ-ଜଗନ୍ନାଥ। ଯଦି କେହି ଭାଗ୍ୟବାନ ସାଧକ ସାଧନାଦ୍ୱାରା ଏହି ଦେହ ରଥରେ ସହସ୍ରଦଳରେ ବାମନ ଦେବଙ୍କୁ ଦର୍ଶନ କରି ପାରନ୍ତି, ତେବେ ତାଙ୍କୁ ପୁନରାୟ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିବାକୁ ପଡେନାହିଁ। ମଧ୍ୟ ତଳ ହୃଦୟ, ଏହି ହୃଦୟ ଚକ୍ର ହିଁ ଭଗବାନଙ୍କର ଲୀଳାକ୍ଷେତ୍ର। ସମସ୍ତ ଅବତାର, ଦେବ ଦେବୀ ଓ ସେମାନଙ୍କର କାର୍ଯ୍ୟକଳାପ ଏହିଠାରେ ହିଁ ଦେଖିବାକୁ ମିଳେ। ନିମ୍ନ ତଳରେ ଅର୍ଥାତ ମୂଳାଧାର ଚକ୍ରରେ କାମାଦି ରିପୁଗଣ ଅବସ୍ଥାନ କରନ୍ତି। ବାମନ ଦେବ ରଥରେ ଉଠିବା ମାତ୍ରେ ଚତୁର୍ଦ୍ଦିଗରେ ଘଣ୍ଟ ଶଙ୍ଖ ଆଦି ବାଜି ଉଠେ। ତଳତାଲାରେ ସିତି ପଡିଥାଏ। ଚତୁର୍ଦ୍ଦିଗରୁ ଭକ୍ତମାନେ ଆସି ଏକତ୍ର ହେଲେ କାମାଦି ରିପୁମାନେ ସପରିବାରେ ଦୂରକୁ ପଳାୟନ କରନ୍ତି। ସେତେବେଳେ ସତ୍ୱ, ରଜ ଓ ତମଃ ତ୍ରିଗୁଣ ରଜ୍ଜୁ ରଥକୁ ବାନ୍ଧି ଆକର୍ଷଣ କରିବାରେ ଲାଗିଥାଏ। ସୁଖଦୁଃଖମୟ କାଳଚକ୍ର ଘୁରି ଠାକୁର ମନ୍ଦିର ନିକଟରେ ଉପନୀତ ହେଲେ ସେହି ରଜ୍ଜୁର ବନ୍ଧନ ଉନ୍ମୁକ୍ତ ହୁଏ।

ରଥାରୂଢ ବାମନରୂପୀ ଶ୍ରୀ ଜଗନ୍ନାଥ 'ଆହ୍ୱାନ' ପରିବାର ଓ ପାଠକ ବର୍ଗଙ୍କୁ ତ୍ରାଣ କରନ୍ତୁ। ପରିଶେଷରେ ଏହାହିଁ କାମନା।

ପୋଖରୀଆ ସାହି, ପୁରୀ

Space for Advertisement
Rs 400.00 Only for one Issue

Visit:
http://aahwaan.5gbfree.com/adwu.html
or See the Last page for details.

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା




## You Name it, we have it.

We are bringing up a huge collection of e-Books for those hundreds of people, who want to experience the e-Revolution, these e-Books contain many small e-Zines, PDF e-Books, Reports and much more. Mainly targeted for those people who want to know about Internet and doing business on Internet and publish e-Magazines etc.

These e-magazines and content are available widely on internet and if you are ready to search the net through for hours, I am sure you are going to get them for free. But at the cost of many hours of internet surfing and also downloading. It is problematic, as many times your internet connection may go dead in the middle of some important download and at the other time, you may be paying much more than the actual price of the content you are downloading.

Online, these articles, reports and books are sold for many dollars or hundreds of Indian rupees. And after you have purchased the book, you often find that the book is not of your requirement. These things make you go crazy. So to keep you cool and to provide you with an exclusive collection of e-Books we have developed this e-Book and e-Zine Store. Here we will present you with an exclusive list of e-books, e-zines and software, which will be made available to you at unbelievable cheap rates.

If you want to buy any product, all you have to do is to write in to us and we will guide you how to do that. Remember if the price of one e-Book is only Rs 10.00, it is not a wise choice to send that Rs 10.00 to us by a demand draft or by cheque, as much amount will be lost in transaction. So, in such cases, you can send the amount to us by sending the money inside a closed envelope. It is perfectly alright, even though some people may tell it as illegal, but do you think for a meagre ten rupees payment, you will make a draft by paying 30 rupees exchange at a bank standing in a que for hours.

What you have to do:

1. Just pen down the name of the product and it's price on a piece of paper.
2. write a small letter to us and mention the name of the e-book and its price and clearly mention your e-mail ID so that we can send the product to you.
3. Put the required amount of cash in the envelop along with the letter. Make sure you fold the paper so that the note of currency is not visible to anyone.
4. After you post the letter, inform us by sending a mail to our official e-mail ID, aahwaan@gmail.com
5. Post the letter to us by ordinary mail or by speed post or Registered post (If you want to stay assured that your money reaches safe hands)
6. Send all your orders to our official Address:

Dr Jyoti Prasad Pattnaik, MBBS, DMCH
Editor, "Aahwaan"
Beema Nagar, Ambapua Main Road
Berhampur, 760010, Orissa

7. Usually it will take about a weeks time maximum to reach us and as soon we have received your order, within eight hours, we will send you the file by e-mail.
8. All the e-Books or e-Zines are very cheap and we provide you this content only because, you are readers of Aahwaan. The rate of these products are between Rs 10.00 and Rs 50.00 only.

Visit the next page and chose your e-Books and after you have chose write to us.

Aahwaan

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା




Books Provided below are all of the same Price of Rs 10.00 only. Chose as many titles as you want and send us a mail with your choice, and we will tell you how to get these books at the best prices ever.

For the price of four books get another one free. (Rs 40.00 for five books.) Remember all the books will be sent by e-Mail so please provide your working e-mail, where we can send you the e-Book. Some times our mail will not be available in your inbox and in such cases please search your Bulk Mail Folder and you will find our mail there.

If you are confused, then simply add our e-mail to your friends list. aahwaan@gmail.com

## Book List (Rs 10.00 each)

- 5 Most asked questions by Parents on teaching their baby signing language
- 10 Untold traffic secrets (Powerful Traffic Generation Tips for the Next Generation of Affiliate Marketers)
- How to build a computer
- Don't buy web hosting till you read this
- Home made recipes for natural skin
- 147 killer e-publishing strategies
- Six Steps to Six figures with List marketing
- The amazing super power of Blue water
- How to create an e-course in only one day
- How to Triple Your Opt-In Requests from the Same Amount of Traffic… Without Spending A Penny!
- The secret of Clear, acne-free skin
- Acne Secrets and Treatments
- How to create cheap PDFs
- The Greatest Marketing secrets of Ages
- How to plan the perfect baby shower
- How to deal with acne
- Keeping Kids Busy
- Make Hundreds online
- Home made recipes for natural beauty
- Promote your website for free
- Protect your adsence account from "Accidental Clicks"
- Online Videos Becomes Internet's Most valuable player
- Independent software reviews
- Start your own software empire
- The unique deep mining reveals the most profitable niche
- The Publishing career- Survival Guide
- The Secret to win every single time in everything you do
- Tips for creating celebrity hairstyles
- Blog for dollars, the secret formula to make your blog pay!!
- Proven Tips, tools and tactics to protect your online privacy
- Cash for bloggers

There are 31 e-Books in this category and if you want to buy all of them, we will provide them on a CD if you stay anywhere in India, for only Rs 250.00 (The postage and Handling charges will be extra as per the prevailling P&T rates).

International Buyers can see our catalogue and send the amount by paying us by Paypal. Each e-Book will cost One Dollar and for the complete set of 31 e-Books (sent by mail only) 25 Dollars.

## Book List (Rs 20.00 each)

- Your Online Success in 7 Simple Steps
- 10 Steps to killer copy
- Software Bible

Aahwaan

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା




- 5 Steps to Big Profit Small Report Business (How to turn 7-15 page small reports into a six-figure information empire)
- Stop wasting money online, start making it.
- Building e-Texts Faster and Better with text construction techniques
- Targeted Cyber Attacks
- How to profit from selling e-Books
- How to make money with blogs
- KIT Builders and resellers Source Book
- Knock Knock, Guide to Building a website that works
- My SEO e_Guide
- The newbie Guide to making software
- How to spread the word of Mouse
- Working with click bank
- Webhosting fine prints danger zone
- Pocket Mentor formula for success
- Viral Video eBook

Order the Full set of Rs 20.00 each book for only Rs 300.00 and we will send you these files on a CD, anywhere in India (Postage and Handling will be extra as per the prevailing P&T rates). For international Buyers, each e-Book will cost you One and half dollars and for all issues together, $ 22 Dollars. Books how ever will be sent by e-Mail only.

### Book List (Rs 30.00 Each)

- 10 Simple steps to eBook Authoring Success
- Make your price sell: The master course
- Best Free e-Book
- It is an Internet Jungle there
- Mini eBook Goldmine(BEST BUY)
- MLM Secrets
- Online Business Revenue
- Super affiliate's secrets exposed
- Work from home- a complete guide to do a successful internet business from home

Order the Full set of Rs 30.00 each book for only Rs 250.00 and we will send you these files on a CD, anywhere in India (Postage and Handling will be extra as per the prevailing P&T rates). For international Buyers, each e-Book will cost you Two dollars and for all issues together, $ 15 Dollars. Books how ever will be sent by e-Mail only.

### e-Zines (Rs 30.00 Each)

- 101 short, sharp, Mini Articles to help your online business succeed
- 101 High Profit e-Business Projects
- A simple guide to creating your own e-Book (
- Anti-virus Protection guide
- Basic HTML
- Blogging Power Package
- eBook Fixer
- eBooks-Galore, 50 e-Books for free download
- eZine resource guide
- eZines, a complete guide to publishing
- eZine Promoter
- Make money the eZine way
- eZines, Unleash the power of the Internet
- Get Published
- Guru Magic, Tips from world's top Internet marketing experts
- Handbook of Internet marketing
- Internet Business Promoter
- How to increase Auction Profits
- RSS Advertising secrets
- A cheap and easy guide to self-publishing eBooks

Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା




- Get 200$ in one click
- The free ezine ad system
- The write advice
- 1001 Newbie friendly tips
- Viral Traffic machine
- Weekend guide to writing eBooks
- Beauty and weight loss tips
- Site Maven D-zine

Order the Full set of Rs 30.00 each eZine for only Rs750.00 and we will send you these files on a CD, anywhere in India (Postage and Handling will be extra as per the prevailing P&T rates). For international Buyers, each e-Book will cost you Two dollars and for all issues together, $ 50 Dollars. Books how ever will be sent by e-Mail only.

Message for e-Book Publishers:

If you are an independent e-Book Publisher please send in yourbooks to us for selling on our e-book and site. Attractive Ad rate are offered for e-Book Publishers. Sell your e-Books in this list or book an ad space on this magazine or on our website and sell your e-Book / e-Zine or Software.

## ପାଠାଗାର

ସରକାର ବହୁସ୍ଥାନରେ ପାଠାଗାର ସ୍ଥାପନ କରିଛନ୍ତି । ହେଲେ ଅଧିକାଂଶ ପାଠାଗାରକୁ ପଢିବାକୁ କେହି ଆସୁନାହାନ୍ତି । ପ୍ରତ୍ୟେକ ପାଠାଗାର ଭିତରେ ଶୁଣିବେ ବହିର ଦୀର୍ଘଶ୍ୱାସ ଆଉ ବୁତିଆଣୀର ଅଟ୍ଟହାସ । ଆଗରୁ ବୟସ୍କ ଲୋକମାନେ ହେଲେ ଯାଉଥିଲେ । ଏବେ ସେମାନେ ବି ଯାଉନାହାନ୍ତି । ମନ୍ଦିରକୁ ଯାଇ ପୂଜାପାଠ କରିବେ, ଘରେ ବସି ଟିଭି ଦେଖିବେ- ଲାଇବ୍ରେରୀକୁ ଯିବେନି । ଅଧିକାଂଶ ସ୍ଥାନରେ ଲାଇବ୍ରେରୀ ଗୁଡାକ ହୁଏତ ବନ୍ଦ ରହୁଛି, ନହେଲେ ତାହା ବାତରା ଟୋକାମାନଙ୍କ ଠେକ ହୋଇଛି ।

ମୋତେ ଲାଗେ ଏହାର ଦୁଇଟି କାରଣ । ପ୍ରଥମ: ଅନେକ ଲାଇବ୍ରେରୀରେ ବସି ପଢିବାର ଭଲ ବ୍ୟବସ୍ଥା ନାହିଁ, ଅନେକ ଜାଗାରେ ତ ଧୂଳି ବି ଝଡା ହୁଏନି । ସେଠି ବସିଲେ ଶ୍ୱାସ କଷ୍ଟ ଆରମ୍ଭ ହୋଇଯିବ । ଏମିତି ଅବସ୍ଥାରେ ଜଣେ ସେଠିକି ଯିବ କାହିଁକି? ଦୁଇ: ଯେହେତୁ ଅଧିକ କେହି ଆସୁନାହାନ୍ତି, ତେଣୁ ଯିଏ ଦାୟିତ୍ୱରେ ଅଛନ୍ତି, ସେ ତାଙ୍କର ଧର୍ମକୁ ଆଖି ଠାର ମାରିବା ଭଳି ଆସୁଛନ୍ତି, ଚାଲି ଯାଉଛନ୍ତି । ମୋଟାମୋଟି ଭାବରେ କଥା ହେଲା ସରକାର ପାଠାଗାର ଗୁଡିକୁ ଠିକ ଭାବରେ ଚଳେଇ ପାରୁନାହାନ୍ତି । ଗୋଟିଏ କଥା ମୁଁ ବୁଝିପାରେନି, ସରକାର କାହିଁକି ସବୁକଥା କରିବେ? ପାଠାଗାରଟେ ଚଳେଇବାକୁ ବି ସରକାର ଦରକାର? ଏଠି କମ୍ୟୁନିଟି ପାର୍ଟିସିପେସନ୍ ହୋଇପାରନ୍ତା । ଅବସରପ୍ରାପ୍ତ ବୟସ୍କ ଲୋକମାନେ ପାଠାଗାରର ଦାୟିତ୍ୱ ନିଅନ୍ତୁ । ପାଠାଗାର ବ୍ୟବହାର ପାଇଁ ଲୋକମାନଙ୍କ ପାଖରୁ ମାସିକ ଫି' ନିଆଯାଉ । ସେଥିରେ ସଂଗୃହୀତ ଅର୍ଥରେ ପାଠାଗାରର ରକ୍ଷଣାବେକ୍ଷଣ ଏବଂ ନୂଆ ବହି କିଣାଯାଉ । ସ୍ଥାନୀୟ ଲୋକେ ପାଠାଗାରକୁ ଆସିବା ପାଇଁ ଆକର୍ଷଣୀୟ ବ୍ୟବସ୍ଥା କରାଯାଉ । ପାଠାଗାର ଏକ ସାଂସ୍କୃତିକ କାର୍ଯ୍ୟକ୍ରମର କେନ୍ଦ୍ର ହେଉ । ବହି ଘରକୁ ଦିଆଯାଉ । ଛୁଟିଦିନ ମାନଙ୍କରେ ପାଠାଗାର ଖୋଲାଯାଉ । ରାଜୀବ ଗାନ୍ଧୀ ଫାଉଣ୍ଡେସନ୍ ଗ୍ରାମାଞ୍ଚଳରେ ପାଠାଗାର ସ୍ଥାପନ ପାଇଁ ଏମିତି ଯୋଜନା କରିଛନ୍ତି । ଓଡିଶାର ଅନେକ ଗ୍ରାମରେ ଏମିତି ଭାବରେ ସ୍ଥାନୀୟ ଲୋକମାନଙ୍କ ସହଯୋଗିତାରେ ପାଠାଗାର ଚାଲିଛି । ଅନ୍ୟଆଡେ ମଧ୍ୟ ଏମିତି ହୋଇପାରେ ।

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଶସ୍ତାରେ ବିମାନ ଭ୍ରମଣ

ବିମାନ ଭ୍ରମଣ ଏବେ ଶସ୍ତା ହୋଇଯାଉଛି। ବେଶ୍ କିଛି ଏୟାର୍‌ଲାଇନ୍‌ସ ହେଲେଣି, ଯେଉଁମାନେ ଶସ୍ତାରେ ବିମାନ ଯାତ୍ରାର ସୁଯୋଗ ଦେଉଛନ୍ତି। ଏବେ ମୁଁ ପ୍ରଥମଥର ସେମିତି ଏକ ଏୟାର୍‌ଲାଇନ୍‌ସ ରେ ଦିଲ୍ଲୀ ଗଲି। ବିମାନ ବନ୍ଦରରେ ବୋର୍ଡିଂ ପାସ୍ ନେଲାବେଳେ ଦେଖିଲି ସେଥିରେ ସିଟ୍ ନମ୍ବର ଲେଖାନାହିଁ। ପଚାରିବାରୁ କାଉଣ୍ଟରରେ ଥିବା ବାଳିକା କହିଲା- ଆମର ଫ୍ରି ସିଟିଂ।

-ମାନେ?

-ମାନେ ଯେଉଁଠି ଇଚ୍ଛା ବସିଯିବେ। ଲୋକାଲ୍ ବସ ଭଳିଆ।

ବିମାନରେ ଚଢନ୍ତୁ ବୋଲି ଘୋଷଣା ହେଲାମାତ୍ରେ ଦେଖିଲି, ଲୋକେ ଧାଁ ଧପଡ ହୋଇ ବିମାନରେ ଲାଇନ ଲଗାଉଛନ୍ତି। ଦି ଜଣ ଲୋକ ବର୍ତ୍ତମାନ ସମୟରେ ସାଧାରଣ ସୌଜନ୍ୟ କେମିତି ଉଭେଇ ଯାଉଛି ସେ ବିଷୟରେ ଆଲୋଚନା କରୁଥିଲେ, ସେମାନେ ବି ଲାଇନ୍‌ରେ ଠିଆ ହେବାପାଇଁ ଠେଲାପେଲା ହେଲେ। ପଚାରିବାରୁ କହିଲେ, ଫ୍ରି ସିଟିଂ ପରା। ଲାଇନ୍‌ରେ ଆଗରେ ନ ରହିଲେ ପଛରେ ବସିବେ।

-ପଛରେ ବସିଲେ ଅସୁବିଧା କଣ? ବିମାନଟା ଆଉ ବସ୍ ନୁହେଁ ଯେ ପଛରେ ବସିଲେ ଜର୍କି ହେବ।

-ଇକୋନୋମି କ୍ଲାସର ପାସେଞ୍ଜର ପଛରେ ବସନ୍ତି। ଏକ୍‌ଜିକ୍ୟୁଟିଭ୍ କ୍ଲାସ୍‌ର ଆସନ ସାମ୍ନାରେ।

-ହେଲେ ଏଥିରେ ତ ଶ୍ରେଣୀଇ ବିଭାଗ ନାହିଁ।

- ନ ଥିଲେ କଣ ହେଲା। ଆଗ ପଛ ଭିତରେ ତ ଫରକ ରହିଛି।

ବିମାନ ଭିତରେ ଆସନ ଖୋଜି ବସିବାର ଧାଁ ଧପଡରେ ମୋତେ ଶୋଷ ଲାଗିଲା। ଏହା ପୂର୍ବରୁ ମୁଁ ଅନେକ ଥର ଇଣ୍ଡିଆନ୍ ଏୟାର୍‌ଲାଇନ୍‌ସରେ ବି ଯାଇଛି। ବିମାନରେ ଆସନ ଗ୍ରହଣ କଲାମାତ୍ରେ ସେଠି ବିମାନ ସେବିକାମାନେ ଚକୋଲେଟ୍ ଦିଅନ୍ତି। ଲେମ୍ବୁପାଣି ଦିଅନ୍ତି। ଏଠି କିଛି ସମୟ ଅପେକ୍ଷା କଲା ପରେ ବି ସେମିତି କିଛି ବ୍ୟବସ୍ଥା ହେଉଥିବାର ନ ଦେଖି ମୁଁ ବିମାନ ସେବିକାଙ୍କୁ ଡାକି କହିଲି, ପାଣି ଟିକେ ପିଆନ୍ତୁ।

ସେ କହିଲେ, ମୁଁ ଏବେ ଚା ପାଣି ସବୁ ନେଇ ଆସୁଛି। କିଛି ସମୟ ପରେ ସେ ଗୋଟିଏ ଠେଲାଗାଡି ସହ ପହଞ୍ଚିଗଲେ। ସେ ଗାଡି ଭିତରେ ସବୁ ଖାଦ୍ୟପାନୀୟ ଅଛି। ସୁନ୍ଦରୀ ପଚାରୁଥାନ୍ତି, କ'ଣ ନେବେ? ଯିଏ ଚା' କହିଲେ, ତାକୁ ଚା' ତିଆରି କରି ଦେଉଛନ୍ତି। ଯିଏ ବିସ୍କୁଟ୍ ମାଗିଲେ ସେ ଗାଡି ଭିତରୁ କାଢି ଦେଉଥାଆନ୍ତି। ମୋତେ ପଚାରିଲେ କ'ଣ ନେବେ ସାର୍?

ମୁଁ କହିଲି ଆଗ ଟିକେ ପାଣି ଦିଅ।

ସୁନ୍ଦରୀ ଗାଡି ଭିତରୁ ଛୋଟ ଗୋଟିଏ ପାଣିବୋତଲ ବାହାର କରି ମୋ ହାତରେ ଦେଲେ। ମୁଁ ଆଉ କିଛି କହିବା ପୂର୍ବରୁ କହିଲେ- କୋଡିଏ ଟଙ୍କା।

କୋଡିଏ ଟଙ୍କା?

ହଁ, ସାର୍। ପାଣି ବୋତଲର ଦାମ୍।

ମୁଁ ଦେଖିଲି ସୁନ୍ଦରୀ ଚା' କପ୍‌କୁ କୋଡିଏ ଟଙ୍କା, ଦୁଇଟା ପାଉଁରୁଟିକୁ ତିରିଶି ଟଙ୍କା ଇତ୍ୟାଦି ନେଉଛନ୍ତି। ମୁଁ ଆଉ ଯାହା ଖାଇବା ପିଇବା କଥା କହିଥାନ୍ତି, ଚୁପ୍ ହୋଇ ରହିଗଲି। କୋଡିଏ ଟଙ୍କା ଦେଇ ଚା' କପ୍‌ଟିଏ ପିଇବା ଭଳି ଅମିର୍ ଏଯାଏଁ ହେଇନି।

# ହର୍ଷ ନା ଦୀର୍ଘ?

ଭୁବନେଶ୍ୱର ବିମାନ ବନ୍ଦରର ପୋଷାକ ନାଁ ହେଲା ବିଜୁ ପଟ୍ଟନାୟକ ବିମାନ ବନ୍ଦର। ଇଂରାଜୀ, ହିନ୍ଦୀ ଆଉ ଓଡିଆ- ତିନୋଟି ଭାଷାରେ ବଡ ବଡ କରି ଏହା ଲେଖାଯାଇଛି। ହେଲେ ଓଡିଆରେ ବିଜୁ ଲେଖାଯାଇଥିବା

Aahwaan

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବେଳେ ହିନ୍ଦୀରେ ତାହା ବୀଜୁ ଲେଖାଯାଇଛି । ଗୋଟିଏ ନାଁର ଦିଟା ଅଲଗା ବନାନ କେମିତି ହେଉଛି ? ଓଡିଆରେ ହର୍ଷ-ଇ ହିନ୍ଦୀରେ କେମିତି ଦୀର୍ଘ-ଈ ହେଲା ତାହା ଜାଣିପାରିଲି ନାହିଁ ।

## ଜନ୍ମଦିନ-୧

ତିନିଦିନ ହେଲାଣି ଏକାପରିକା ସାରିଆ ରିକ୍‌ସା ଟାଣି ଚାଲିଛି, ଦିନ ନାହିଁ ରାତି ନାହିଁ । ଖାଇବାକୁ ବେଳ ନାହିଁ । ସହରରେ ରିକ୍ସା ଟାଣିବା ସହଜ ନୁହେଁ, କିନ୍ତୁ ସହରର ପ୍ରତ୍ୟେକ ଗଳିକନ୍ଦି ସହ ଖୁବ୍ ପରିଚୟ୍ ସାରିଆର । ପିଲା ଦିନେ ନନା କହିଥିଲା, ପାଠ ପଢିବୁ ଯା' ହେଲେ ସାରିଆ, ଏହି ସାହି ଗଳିକନ୍ଦିରେ ବୁଲି ବୁଲି ଯାହା ପାଠ ପଢିଲା, ବୟସ ନ ହେଉଣୁ ବାପାଟା ରୋଗରେ ଚାଲିଗଲା ପରେ ତା'କୁ ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା । ଚାରି ଅକ୍ଷର ପଢିଥିବା ତା ବାପା ରିକ୍ସାଟିଏ କିଣିଥିଲା ବୋଲି ଏବେ ସେ ରିକ୍ସା ଟାଣୁଛି । କିଛି ଖରାପ ନାହିଁ । ମାଷ୍ଟ୍ରେ କହିଥିଲା, ପେଟ ପୋଷ ନାହିଁ ଦୋଷ । ଆଉ ସେ ଯଦି ରିକ୍ସା ଟାଣିବନି ତ କଣ ବଡ ବାବୁଘର ପିଲା ରିକ୍ସା ଟାଣିବେ!!! ଦିନେ ଦିନେ ଖୁବ୍ କମାଇ ହୁଏ, ହାତରେ ଶହେ ଦେଡଶ' ପଡେ, ସାଙ୍ଗେ ସାଙ୍ଗେ ସେ ଯାଇ ମୁନାବୋଉ ହାତରେ ପଇସା ଦେଇ କହେ, 'ନେ' ଆଜି ତୁ ଯାହା ଇଚ୍ଛା ଖର୍ଚ୍ଚ କରେ । ବଡ ବାବୁଟେ ନହେଲେ ନାଇଁ, ତୋ ହାତରେ ଶହେ ଟଙ୍କା ଦେଇଚି । ଯା' ଆଜି ତୁ ଯାହା ଇଚ୍ଛା କରେ ।' ମୁନା ବୋଉ ଦୁଆର ମୁହଁରୁ ସାନ ମାଛ କିଣେ, ତାକୁ ଆମ୍ବିଳ କରେ, ସାରିଆ ପାଇଁ । ଦିନ ବିତିଚାଲେ । ଦିନେ ଦିନେ ହାତ ଖାଲି ହୋଇଯାଏ । ପାଞ୍ଚଟଙ୍କାଟିଏ ବି ମିଳେନି । କିନ୍ତୁ ସାରିଆ ଦୁଃଖ କରେନି ।

ସକାଳୁ ସକାଳୁ ରିକ୍ସା ଧରି ବାହାରିଗଲା ବେଳେ ମୁନା ବୋଉ କହିଲା, 'ତୁମ କଥା ମନେ ଅଛି ତ ? ପୁଅ ଜଗି ବସିଥିବ, ତୁମେ ସଅଳ ବାହାରି ଅଇଲେ, ତା ଜାମାପେଣ୍ଟୁ କିଣି ଆଣିବ । କାଲି ତା' ଜନ୍ମଦିନ ବୋଲି ଜିଦ୍ କରିଛି । ନୂଆ ଡେରେସ୍ ନ ହେଲେ ସେ ଖାଇବନି ।' ସାରିଆ ହସିଦେଇ କହିଲା, 'ଯା ତୋ ରାଜା ପୁଅକୁ କହିବୁ, ତା ବୋପା ଏ ସହରର ରାଜା ତ' ସୁନା ଦିଆ ସାର୍ଟୁପେଣ୍ଟୁ ଆଣିଦେବ ।' ସାରିଆ ବାହାରି ଗଲା । ଗଳି ବାହାରକୁ ବାହାରିବା ପୂର୍ବରୁ ଗରାଖ ମିଳିଗଲେ । ଯା ହେଉ ଆଜି ଦିନଟା ଭଲରେ ବିତିବ ଭାବି, ସାରିଆ ରିକ୍ସା ଟାଣିଲା । କେବେ ବି ଟଙ୍କାଏ ଦି ଟଙ୍କା ପାଇଁ ଜିଦ୍ କରୁନଥିବା ସାରିଆ ଆଜି ଅଧିକ ଦାମ୍ ମାଗିଲା । ପୁଅ ପାଇଁ ନୂଆ ପୋଷାକ ଆଣିବ । ଦି ପହର ବେଳକୁ ଜଣେ ବି ଗରାଖ ମିଳିଲେ ନାହିଁ ।

ସଞ୍ଜ ହେଲା ବେଳକୁ ସାରିଆ ହାତରେ ଦୁଇ ଟଙ୍କା ବି କମାଇ ହେଲାନି, ଉପାୟ୍ ମିଳୁନି ଯାଇ କପଡା ଖଣ୍ଡେ କିଣିବା ପାଇଁ । ଗରାଖ ଉପରେ ଗରାଖ ଖୋଜି ଚାଲିଛି । ଭାବୁଛି ପଚାଶଟା ଟଙ୍କା ହେଲେ ଖଣ୍ଡେ ଜାମା କିଣି ଘରକୁ ନେବ । ଏମିତି ହେଉ ହେଉ ଠିକ୍ ରାତି ଆଠଟା ବେଳକୁ କୁଆଡୁ କେଜାଣି ମେଘଟା ମାଡି ଆସି ଡି ଡି ବଡି ବର୍ଷା ହେଲା । ଏମିତି ବର୍ଷା ଯେ ରହିବାପାଇଁ ଥଳ ମିଳିଲା ନାହିଁ । ଇୟାଡେ ବର୍ଷା ଦେଖି ଗରାଖଠୁ ଦି ପଇସା ଅଧିକ ମିଳିବା ଆଶା ବଢ଼ିଗଲା । ସାରିଆର ରିକ୍ସା ଆଉ ଥୟ୍ ଧରିଲା ନାହିଁ । ରାତି ଡେର୍ ହେଲାଣି, ଷ୍ଟେସନ୍ ପାଖ ରାସ୍ତାରେ ଗରାଖ ମିଳିବେ ଭାବି ସେଇଠି ଯାଇ ଅପେକ୍ଷା କଲା । ଅଧ ରାତିକୁ ବର୍ଷା ଛାଡିଲା ବେଳକୁ ଘରକୁ ଆସିଲା ।

ତାଟି କବାଟ ଖୋଲୁ ଖୋଲୁ ମୁନା ବୋଉ କହିଲା, 'ଆଜି ଦିନରେ ଖାଇବାପାଇଁ ଆସିଲୁନି ? ମୁନା ଜଗିଥିଲା ।' ସାରିଆ ମୁଣ୍ଡକୁ ଗାମୁଛାରେ ପୋଛି ପୋଛି ତଳେ ଟିକେ ଗଡି ପଡିଲା । ନଖୀ ପଖାଳ କଂସାକୁ ସଜାଡି ଶୁଖୁଆ ଖଣ୍ଡେ ଦେଇ ବସିଲା । ସାରିଆ ଦିନସାରା କିଛି ଖାଇନଥିଲା ବୋଲି, ଧାଇଁ ଧାଇଁ ସେତିକି ଖାଇପକାଇଲା । ରାତି ଡେର୍ ବେଶି ହେଲାଣି ବୋଲି ସେ ଶୋଇପଡିଲା । ନଖୀ ବାସନମାଜି ଶୋଇବାକୁ ଆସିଲା ବେଳେ କହିଲା, 'ହଇ ହେ, ମୁନାର ଡେରେସ କାହିଁ? ଆଣିଲନି ତ ?' କାଲି ତା' ଜନ୍ମଦିନ ଟା । ପିଲାଟା କେଡେ ଆଶା କରିଛି । ସାରିଆ ଆଖିରେ ଘନେଇ ଆସୁଥିବା ନିଦ ହଠାତ୍ ଭାଙ୍ଗିଗଲା । ସେ ଉଠି ଶେଯରେ ବସିପଡିଲା ।

ନଖୀ କହିଲା, ଥାଉ ଶୋଇପଡ, ସକାଳୁ ଉଠି ସଅଳ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଯାଇ ଘେନି ଆଣିବ। ସାରିଆ ଆଖି ଆଗରେ କୋଡିଏ ବର୍ଷ ତଳର ଗୋଟିଏ ଦୃଶ୍ୟ ନାଚି ଉଠିଲା, ଏମିତି ଦିନେ ରାତିରେ ସେ ଜିଦ୍ କରିଥିଲା ଜନ୍ମଦିନରେ ଡ୍ରେସ୍ କିଣି ନ ଆଣିଲେ ଖାଇବ ନି ବୋଲି। ବାପ ତା'ର ରାତି ଅଧରେ ରିକ୍ସାଧରି ଯାଇଥିଲା, ସକାଳୁ ସକାଳୁ ଡେରେସ୍ ଧରି ଫେରିଥିଲା। ଦି ଦିନ ପଛେ ସେ ଘରୁ ବାହାରି ନଥିଲା, ଜରରେ ପଡି। ସାରିଆ ଉଠିଲା। ନଖୀ ମନା କରୁଥିଲା, କହିଲା, 'ତୁ ପିଲାଟା ପାଖରେ ଥା। ମୋ ବୋପା ମୋ ପାଇଁ କେତେ ରାତି ଶୋଇନି, ମୁଁ ମୋ ପିଲା ପାଇଁ ସେଇଟା ନ କଲେ, ଭଗବାନ ସହିବେନି।' ସାରିଆ ବାହାରି ଗଲା। ଷ୍ଟେସନ୍ ରୋଡ୍‌ରେ ଗରାଖ ମିଳିଗଲେ। ରାତି ଭିତରେ ପଚାଶ' ମିଳିଗଲା। ପାହାନ୍ତି ପହରୁ ରେଳ ଷ୍ଟେସନ ସାମନାରେ ଆଖି ପଡି ଆସୁ ଆସୁ ଭୂଲ ହେଇଗଲା। ତା' ରିକ୍ସା ଯାଇ ଆଉ ଗୋଟେ ରିକ୍ସା ପାଖରେ ଅଟକି ଗଲା। ସେଇଠୁ ଆରମ୍ଭ ହେଲ ବଚସା।

ଭଲ କାମ କଲେ ଲୋକ ଅନେକ କଥା କହନ୍ତି, ଆଉ ଯଦି ଭଲ ବେଉସା ହେଉଛି, ସବୁ ମିତ୍ର ବି ଶତ୍ରୁ। ବାସ୍ ସେୟା ହେଲା। ଅନ୍ଧାର ନ ଫିଟୁଣୁ, ସାରିଆର ପିଠି ଖାଲ କରିଦେଲେ, ଷ୍ଟେସନ୍ ଷ୍ଟାଣ୍ଡ ରିକ୍ସା ବାଲାଏ। ସବୁ ସହିଗଲା। ସକାଳ ହେଉ ହେଉ ପୁଲିସ୍ ଆସି ବୁଝାମଣା କଲାପରେ ସାରିଆ ଫିଟିଲା ସେ ଝିଞ୍ଜଟ୍‌ରୁ, ହେଲେ ଆଉ ଚାଲିବାର ଶକ୍ତି ନଥିଲା। ତଥାପି ଠେଲି ଠେଲି ରିକ୍ସାକୁ ଧରି ଲୁଗା ଦୋକାନରେ ପହଞ୍ଚିଲା। ନୂଆ ଡେରେସ ହଳେ, କିଣି, ସେଇମିତି ଛୋଟେଇ ଛୋଟେଇ ଘରେ ପହଞ୍ଚିଲା। ନଖୀ ଉଠି ଦୁଆରେ ଗୋବର ପାଣି ପକାଉଥିଲା। ସାରିଆର ଅବସ୍ଥା ଦେଖି କାନ୍ଦି ପକାଇଲା। ସାରିଆ ତାକୁ ବୁଝେଇ ଦେଇଥିଲା, ମୋ ପିଲା ଆଗରେ କିଛି କହିବୁନି। ଯୋଉ ଭୂଲ ମୁଁ କରିଛି, ମୋ ପିଲା ସେଇ ଭୂଲ ନ କରୁ। ସେ ଭଲ ମଣିଷ ହେଉ। ରିକ୍ସାଟାଣିବା ମୋ କାମ। ମୋ ପୁଅର ନାହିଁ।

ମୁନା ଉଠି ନୂଆ ଡ୍ରେସ ପିନ୍ଧିଲା, ରଙ୍ଗମାଟିରେ ଜମି ଲିପି ନଖୀ ତାକୁ ବନ୍ଦାଣ କରି ସାରିଆକୁ ଡାକ ପକାଇଲା ବେଳକୁ, ସାରିଆ ଆଉ ନଥିଲା। ଖୋଲା ଦେହରେ ମାଟି ଉପରେ ପଡିଥିଲା, ମୁହଁ ଆଉ ଦେହରେ ମାଛି ଭଣ ଭଣ ହେଉଥିଲେ। ଡାକ୍ତର ଆସି କହିଗଲେ, ସେ ଆଉ ନାହିଁ। ମୁନା ନୂଆ ଡ୍ରେସ୍ ପିନ୍ଧି ଖୁସିରେ ନାଚୁଥିଲା। ନଖୀ ଆଖିରେ ଲୁହ ବାନ୍ଧି ହୋଇ ରହିଗଲା।

## ଜନ୍ମଦିନ-୨

ନିଦୁଆ ଆଖିରେ ଝରକା ଆଡକୁ ଦେଖିଲା ବେଳକୁ ହଠାତ୍ ଆଖି ଆଗରେ ପଡିଲା, ନୂଆ ଗୋଟେ ଚିଜ। ରମେଶର ନିଦ ହଠାତ୍ ଭାଙ୍ଗିଗଲା। ଟେବୁଲ୍ ଉପରେ ନୂଆ ମୋବାଇଲ୍ ଫୋନ୍‌ଟେ ଥୁଆ ହୋଇଥିଲା। ରମେଶ ଉଠିଯାଇ ଫୋନ୍‌କୁ ଧରି ତନତନ୍ କରି ପରୀକ୍ଷାକଲା। ନୂଆ ଫୋନ୍‌ଟା। ପଛରେ କାମେରା ନାହିଁ ଅବଶ୍ୟ। ଶୁଣିଲା ଭାରି ବଢିଆ ଗୀତ ବାଜୁଚି। କିନ୍ତୁ କିଏ ଏଇଠି ଫୋନ୍ ରଖିଛି? ଏୟା ଭାବିଲା ବେଳକୁ ରୁମ୍ ଭିତରକୁ ପଶି ଆସୁ ଆସୁ ତା' ବାପା ଗାଇଲେ, 'ହେପି ବାର୍ଥ ଡେ ଟୁ ୟୁ।' ସେ ବୁଝିଗଲା, ତା ଜନ୍ମଦିନପାଇଁ ବାପା ଏଇ ଗିଫ୍ଟ୍ ଆଣି ଦେଇଛନ୍ତି। ସେ ଖୁସି ହୋଇଗଲା।

ସକାଳୁ ସକାଳୁ ବୋଉ ଚଉଁରା ମୂଳେ ଯେଉଁ ରଙ୍ଗମାଟି ଲିପି ପୂଜାକରିବାକୁ ଅପେକ୍ଷା କରିଥିଲା, ସେ ସେମିତି ରହିଗଲା, ରମେଶ ନୂଆ ଫୋନ୍ ଧରି ବାହାରିଗଲା। ଅଧଘଣ୍ଟାରେ ସେ ଫୋନ୍‌ରେ ନୂଆ ନମ୍ବର ଲେଖେଇ ଆସିଗଲା। ବାପା, ଫୋନ୍ ଧରି କଥା ହେଉଥିଲେ, ବୋଉ ରମେଶକୁ ପିଡାରେ ବସେଇ ପୂଜା କରୁଥିଲେ। କଲେଜ୍ ବାହାରି ଗଲା ବେଳକୁ ବୋଉ ବାପାଙ୍କୁ କହୁଥିଲେ, 'କାହିଁକି ଏତେ କମ୍ ଦାମିକା ଉପହାର ଦେଉଛ ପିଲାକୁ? ଯଦି ଦେଉଥିଲ ଭଲ ଫୋନ୍‌ଟିଏ ଦେଲନି?' ବାପା କହିଲେ, 'ମୋ ବାପା ମୋତେ ସାଇକେଲ୍ ଖଣ୍ଡେ ଆଣିଦେବେ ବୋଲି କହି କହି ଦଶ ବର୍ଷ ବିତିଗଲା। ଯେତେବେଳେ ମିଳିଲା ସେତେବେଳକୁ ମୁଁ ସ୍କୁଲ୍ ଛାଡି କଲେଜ୍ ଯାଇ ସାରିଥିଲି। ବୋଉ ହଜାରେ ଥର କହିଥିଲା, ହେଲେ ବାପା କହିଲେ, ଯୋଉଦିନ ସେ ନିଜେ ଚାକିରୀ କରିବ ଜାଣିବ ସାଇକେଲ୍‌ଟେ କେତେ କଷ୍ଟରେ ମିଳୁଛି। ମୁଁ ଅନେକ

Nyasa Nabodita Presents

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଥର ଝଗଡା କଲି। ହେଲେ ନିଜେ ସାଇକେଲ୍ କିଣି ପାରିଲି ନାହିଁ। ସାଙ୍ଗମାନେ ସାଇକେଲ୍‌ରେ ବସି ଫିର୍ ଫିର୍ ହେଇ ଉଡିଲା ବେଳକୁ ବାପାଙ୍କ ସେଇ ମାନ୍ଧାତା କାଳିଆ ପୁରୁଣା ସାଇକେଲ୍‌କୁ ଠେଲି ଠେଲି ମୁଁ ସ୍କୁଲ୍ ଆଉ କଲେଜ ଗଲି।' ଜନ୍ମଦିନରେ ଚକୁଳି ଆଉ ଚିତଉ ପିଠା ଖାଇ ଖାଇ ବୁଢା ହେଇଗଲି, ହେଲେ ଜନ୍ମଦିନ କଣ ତାହା ଖାଲି ସାଙ୍ଗ ମାନଙ୍କ ଘରେ ଦେଖିଲି ନହେଲେ ସିନେମାରେ ଦେଖିଲି।'

ବୋଉ କହିଲେ, 'ସେ କଥା ଠିକ୍ ଯେ, ହେଲେ ଯେତେବେଳେ ଦେଉଥିଲ ଆଉଟିକେ ଦାମିକା ଫୋନ୍‌ଟେ ଦେଇଥିଲେ ହେଇନଥାନ୍ତା? ଟଙ୍କା ଆଉ ପାଞ୍ଚହଜାର ଦେଲେ କାମେରା ମୋବାଇଲ୍‌ଟେ ପାଇଥାନ୍ତ। ଦେଲନି। ଶସ୍ତା ଫୋନ୍‌ଟେ ଦେବା ଜରୁରୀ ଥିଲା କି?'

ବାପା ହସି କହୁଥିଲେ, 'ଆମ ସମୟରେ ଶହେ ଟଙ୍କା ନେଇ ମୁଁ ଚାକିରୀ ଆରମ୍ଭ କରିଥିଲି। ଆଜିକାଲି ଆରମ୍ଭ ହେଉଛି ଦଶ ପନ୍ଦର ହଜାରରୁ। ତୁମେ ବୁଝିବନି।'

ଦୋପହର ବେଳକୁ କଲେଜ୍‌ରୁ ଫେରି ରମେଶ୍ ରୁମ୍‌ରେ ପଶିଗଲା। ଜନ୍ମଦିନଟାରେ ମୁହଁ ଶୁଖାଇବାର କାରଣ ପଚାରିବାକୁ ବାପା ଗଲେନି। ବୋଉ ଖାଇବା ପାଇଁ ଡାକିବା ବେଳକୁ ବାବୁ ରୁମ୍‌ରୁ ବାହାରିଲେ ନାହିଁ। ଯେତେବେଳେ ବାପା ଯାଇ ଡାକଦେଲେ ବାଧ୍ୟ ଶିଶୁଟିଏ ପରି ବାହାରିଲେ। ଖାଇବା ଟେବୁଲ୍‌ରେ ବୋଉ କହିଲେ, 'କଣ ହେଲା? ମୁହଁ କାହିଁକି ଶୁଖିଛି?' ରମେଶ କହିଲା, 'ଯଦି ଜନ୍ମଦିନରେ ଉପହାରଟେ ଦେବାର ଥିଲା ଆଉ ଟିକେ ଦାମିକା ଦେଇଥିଲେ ହେଇନଥାନ୍ତା? ମୋର ସବୁ ସାଙ୍ଗର କାମେର ମୋବାଇଲ୍ ଅଛି, ମୋର ଏକା ନାହିଁ!!!' ବାପା ସାମାନ୍ୟ ହସିଦେଲେ। କିଛି ନ କହି ଉଠି ଚାଲିଗଲେ। ପଛରେ ବୋଉ କହୁଥିଲେ, 'ଯୋଉ ଦିନ ତୁ ବଡ ଚାକିରି କରିବୁ ସେଇଦିନ ନିଜ ଇଚ୍ଛାରେ ଗୋଟେ ବଡ ମୋବାଇଲ୍ କିଣିବୁ। ଠିକ୍।'

ରମେଶ୍ କିଛି ବୁଝିପାରିନଥିଲା, ବାପା କହୁଥିଲେ, ଏବେ ତୋ ବୟସ ହେଇନି। ଯେବେ ତୁ ମୋ ଜାଗାରେ ଥିବୁ ବୁଝିବୁ। ବୋଉ ମୁହଁରେ କାନିଦେଇ ହସୁଥିଲେ।

## ଜନ୍ମଦିନ-୩

ସହରରେ ରହି କାମ କରିବା କଥା କହି କପିଳକୁ ସହରରେ ଆଣି ଛାଡିଦେଇ ଗଲେ ତା' ବାପା। ସାଙ୍ଗସାଥୀରେ ରହି ନିଜ ଗୋଡରେ ନିଜେ ଠିଆ ହେବାପାଇଁ ଚେଷ୍ଟା କଲାବେଳେ ପଇସାଟିଏ ପାଇବନି ବୋଲି ନାସ୍ତିବାଣୀ ଶୁଣାଇଦେଲେ ତା ବାପା। କହିଲେ, ଘରେ ତେଣେ ତିନି ତିନିଟା ଆଦୁରି ପେଟ ବି ଅଛି। ସେମାନଙ୍କୁ ପୋଷିବି ନା ଏକା ତୋ କଥା ଦେଖିବି। ଜନ୍ମ ଦେଇଛି, କର୍ମ ଦେଇନି। ଯା' ତୋ ଭାଗ୍ୟରେ ଯାହା ଥିବ କରିବୁ। ଭଲହେଲେ ମୋ ଆତ୍ମା ଖୁସି ହେବ, ଆଉ ଯଦି ତୁ କୁକର୍ମ କରିବୁ ତୋ ଭାଗ୍ୟ ତୋର। ହାତରେ ବୋଉ ଦେଇଥିବା ଦିଶ' ଟଙ୍କାକୁ ଧରି କପିଳ ସହରରେ ନିଜ ସାଙ୍ଗ ମାନଙ୍କ ସହ ରହିବା ଭିତରେ କାମ ଖୋଜିବାରେ ଲାଗିଗଲା। ପାଠ ପଛେ ଆଗ ପେଟରେ ଦାନା ପଡିବାତ ଜରୁରୀ। ଯା'ହେଉ ଜଣେ ସାଙ୍ଗର ଦୟାରୁ ତା ଅଫିସରେ ଚପରାସୀ କାମ ମିଳିଗଲା। ହଜାରେ ଲୋକର ବୋଲହାକ କରିବା ସିନା, ହେଲେ ମାସ ଶେଷରେ ହଜାରେ ମିଳୁଥିଲା। ନୂଆ ନୂଆ ଚାକିରୀ କଲାବେଳକୁ ମନ ହେଉଥିଲା, ଘରକୁ ଚିଠି ଲେଖିବ କହିଦେବ, ସେ ଏବେ ଚାକିରୀ କଲାଣି। ହେଲେ ବାପାଙ୍କ ଉପରେ ରାଗ ଯୋଗୁଁ ଚିଠିଟେ ଲେଖିପାରିଲାନି। ବେଳେ ବେଳେ ଭାବେ ବୋଉକୁ ଚିଠି ଲେଖି ଜଣାଇବ। ହେଲେ ବୋଉ ବି ତ ପଢି ଜାଣିନି, ବାପାକୁ ହିଁ ଦେବ।

ପାଠ ପଢିବା ବେଳେ ସେ କେତେ କହିଥିଲା, ଆଉ ପାଠ ପଢ଼ିବନି, ଚିତ୍ର ଶିଖିବ। କାଛରେ ଚିତ୍ର ଆଙ୍କି ବି ପଇସା ପାଇବ। ହେଲେ, ଅପାଠୁଆ ବୋଉ କହିଲା, ଅଫିସରେ ପିଉନ୍ ହେବୁ ପଛେ ଏମିତି ରାସ୍ତା ଘାଟରେ ବୁଲି କାଛରେ ଚିତ୍ର ଆଙ୍କିବୁ? ବାପା ନିରବଦ୍ରଷ୍ଟା ଥିଲେ, ମୁହଁ ଖୋଲିଲେ କହିଲେ, ଯାହା ଇଚ୍ଛା ହେଉଛି କର, ମାତ୍ର ପାଞ୍ଚ ପଇସା ଦେଇପାରିବିନି। ତୋତେ ଦେଖିବି ନା ଆଉ ତିନି ଜଣକୁ ଦେଖିବି। ମନରେ ରାଗ କୁହୁଳି ଉଠିଲେ କପିଳ ସହରରେ ଥିବା ପାର୍କରେ ଯାଇ ବସେ। ଗେଲ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ହେଉଥିବା ବାପା ଆଉ ପିଲାଙ୍କୁ ଦେଖେ। ମନେ ମନେ ଖୁବ ଚିଡି ଉଠେ। ସକାଳ ଦଶରୁ ସଞ୍ଜ ପାଞ୍ଚ ପର୍ଯ୍ୟନ୍ତ ଅଫିସରେ ସମସ୍ତଙ୍କର ଡାକହାକ କରୁକରୁ ସମସ୍ତଙ୍କ ମନ କିଣି ନେଇଥିଲା ସେ। ଏମିତି ଦିନେ ବଡ ବାବୁଙ୍କ ଦୟାରୁ କଂପ୍ୟୁଟର ଶିଖିବାପାଇଁ ସୁଯୋଗ ମିଳିଥିଲା। ସଞ୍ଜରେ ଖାଲି ସମୟରେ 'ବସିବା ଅପେକ୍ଷା କାଶିବା ଭଲ' ନ୍ୟାୟରେ ସେ ଶିଖିଥିଲା ସବୁ। ଅଫିସରେ ସମସ୍ତେ ଚାଲିଗଲା ପରେ ଏକା ଏକା ବସି ଶିଖୁଥିଲା।

ଦିନେ ହଠାତ୍ ବଡବାବୁଙ୍କ ପୁଅର ଦେହ ଖରାପ ହେଲା। କପିଳକୁ ଘରକୁ ପଠାଇ ବଡବାବୁ ତା' ଧ୍ୟାନ ନେବାକୁ କହିଲେ। ବଡବାବୁଙ୍କ ନିଜ ଲୋକବୋଲି ଅନେକେ ରାଗକଲେ ବି ହେଲେ ଗାଁରୁ ଆସିଥିବା ସାଧାସିଧା କପିଳକୁ ଦେଖିଲେ ବଡବାବୁ ଭାରି ଖୁସି ହେଉଥିଲେ। ମାତ୍ର ମାସ ଛଅଟାରେ ଦେଢ ହଜାର ଟଙ୍କା ଦରମା ଦେବାକୁ କହିଦେଲେ। କପିଳ ଭାରି ଖୁଶିଥିଲା। ଗାଁରେ ଥିବା ତା' ସାଙ୍ଗମାନେ ଖାଲିରେ ଘରେ ବସିଥିବା ବେଳେ ସେ ସହରରେ ବଡ ଅଫିସରେ କାମ କରୁଥିଲା, ମାସକୁ ଦେଢହଜାର ପାଉଥିଲା।

ଦିନେ ଅଫିସରେ ମିଟିଂ ହେଲା। ବଡବାବୁ କପିଳକୁ କହିଲେ ଯା' ସମସ୍ତଙ୍କ ପାଇଁ ଚା' ଆଉ ବିସ୍କୁଟ୍ ଆଣିବୁ। ମିଟିଂ ବେଳେ ଜାଣିଲା, ଅଗଷ୍ଟ ପନ୍ଦର ତାରିଖପାଇଁ ପୂର୍ବପ୍ରସ୍ତୁତି ଚାଲିଛି। ଭାରତର ସ୍ୱାଧୀନତା ଦିବସ। ସେ କେତେଥର ସ୍କୁଲ୍‌ରେ ଭାଷଣ ଦେଇଥିଲା, ପ୍ରାଇଜ୍ ଥରେ ଦୁଇଥର ମିଳିଛି। ସ୍କୁଲ୍‌ରୁ ବାହାରି ପ୍ରାତ: ଭ୍ରମଣ ସାରି ମାଷ୍ଟ୍ର ଆଜ୍ଞାଙ୍କ ଠାରୁ ବିସ୍କୁଟ୍ ଖାଇବା ମଜା କଥା ମନେ ପକାଇ ତା ଆଖି ଓଦା ହେଇ ଆସୁ ଆସୁ ମନେ ପଡିଗଲା। ଅଗଷ୍ଟ ପନ୍ଦର ତାରିଖ ତା' ବାପାଙ୍କ ଜନ୍ମଦିନ। ନିଜ ଜନ୍ମଦିନ କେବେ ବି ମନେ ନ ରଖିବା ପିଲା ବାପାର ଜନ୍ମଦିନକୁ ମନେ ରଖିଥିଲା, କାରଣ ଗାଁ ସ୍କୁଲ୍‌ରେ ଚପରାସୀ ତା ବାପା ସ୍କୁଲ୍‌ରେ କାମ ସରିଲେ ହାତରେ ମୁଠାଏ ଚକଲେଟ୍ ଧରି ଘରକୁ ଆସୁଥିଲା।

ସଞ୍ଜବେଳକୁ ପାର୍କ ପାଖରେ ବସି ବସି ଭାବୁଥିଲା, ପିଲାଦିନ କଥା। ହଠାତ୍ ଉଠୁ ଚାଲିଲା। ପୁରୁଣା ଟ୍ରଙ୍କ୍ ପେଡିରେ ସାଇତି କରି ରଖିଥିବା ଟଙ୍କାରୁ ଦିଶହ ବାହାର କରି ପେଣ୍ଟ୍ ସାର୍ଟ୍ ହଳେ କିଣିଲା। ଆର ଦିନ ସକାଳୁ ଯାଇ ଗାଁରେ ହାଜର। ବାପା ତା' ସ୍କୁଲ୍ ଯାଇଥାଏ। ଘରକୁ ଫେରି ହାତରୁ ମୁଠାଖୋଲି ଚକଲେଟ୍ ଦେଲା ବେଳକୁ କପିଳକୁ ଦେଖି ଆଖି ଓଦା ହୋଇ ଆସିଲା ବେଳକୁ, ପୁଅ ଆଣିଥିବା ପେଣ୍ଟ୍ ସାର୍ଟ ହଳଟା ହାତରେ ଥୋଇଦେଲା। ବୋଉ କହୁଥିଲା, 'ତୁମ ପୁଅ ଏବେ ପାରିବାର ହେଇଗଲାଣି।'

ବାପା ଆଖିରୁ ଲୁହ ପୋଛି କହୁଥିଲେ, 'ମୋ ବାପା ମୋତେ ଯାହା ଶିଖାଇଥିଲେ, ତୁମ ପୁଅକୁ ତାହା ଶିଖାଇଲି। ମଣିଷ କଲି।''

---

ଆହ୍ୱାନର ବିଜ୍ଞ ପାଠକ ମାନଙ୍କ ନିମନ୍ତେ ଏକ ସୁଖବର। ଆହ୍ୱାନ ୱେବ୍‌ସାଇଟ୍‌ର ଉନ୍ନତି କରିବା ପରେ ବର୍ତ୍ତମାନ ଆମେ ଆଣିଦେଇଛୁ ଏକ ନୂତନ ୱେବ୍‌ସାଇଟ୍ http://jaga.5gbfree.com/ ଶ୍ରୀ ଜଗନ୍ନାଥ ଦର୍ଶନ ନାମରେ ନାମିତ ଏହି ୱେବ୍‌ସାଇଟ୍ ଆପଣ ମାନଙ୍କୁ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ସବିଶେଷ ବିବରଣୀ ଦେବା ସହିତ ଓଡିଶା ଏବଂ ଓଡିଶାରେ ପର୍ଯ୍ୟଟନର ବିଭିନ୍ନ ବିକଳ୍ପ ଉପରେ ବି ଚର୍ଚ୍ଚା ଉପସ୍ଥାପନ କରିବ। ଏହି ୱେବ୍‌ସାଇଟ୍ ଏକା ସହିତ ତିନୋଟି ଭାଷାରେ ଦେଖିହେବ। ସଂପ୍ରତ୍ତି ଏଥିରେ ଓଡିଆ, ହିନ୍ଦୀ ବ୍ୟତୀତ ଇଂରେଜୀ ଭାଷାକୁ ସ୍ଥାନ ଦିଆଯାଇଛି, ଏବଂ ଖୁବ୍ ଶୀଘ୍ର ଏହାକୁ ବଙ୍ଗାଳୀ ଏବଂ ତେଲୁଗୁ ଭାଷାରେ ବି ନିର୍ମାଣ କରାଯିବ। ଏହି ୱେବ୍‌ସାଇଟ୍ ନିମନ୍ତେ ଆପଣ ମାନଙ୍କ ନିକଟରୁ ଆମେ ଆହ୍ୱାନ କରୁଛୁ ତଥ୍ୟ ସମ୍ବଳିତ କିଛି ଉଚ୍ଚମାନର ଲେଖା, କିମ୍ବା ପ୍ରଭୂଙ୍କ ଦ୍ୱାରା ଆପଣଙ୍କ ଜୀବନରେ ଘଟିଥିବା କୌଣସି ବିରଳ କାହାଣୀ ଇତ୍ୟାଦି। ଖୁବ୍ ଶୀଘ୍ର ଆମ ନିକଟକୁ ଲେଖା ପଠାନ୍ତୁ। ପବିତ୍ର ଶ୍ରୀ ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ସମଗ୍ର ବିଶ୍ୱର ଓଡିଆ ଭାଇ ଭଉଣୀମାନଙ୍କୁ ଆହ୍ୱାନ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ। ଧନ୍ୟବାଦ।

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଧନ୍ୟ ଆମେ ଓଡିଆ ।

'ଅଙ୍ଗାର ଶତ ଧୌତେନ ମଳିନତ୍ୱଂ ନ ଜାୟତେ' ଏହି ନ୍ୟାୟରେ ଓଡିଶା ଦେହରେ ଲାଗିଥିବା ଗରିବ ଓ ଦରିଦ୍ରର କାଳିମା କେତେ ଚେଷ୍ଟା କଲେ ବି ଲିଭିବାର ନାଁ ଧରୁନି । ଆଉ ଯଦି କେହି ଏହି କାଳିମାକୁ ଲିଭାଇବାକୁ ଚେଷ୍ଟା କରୁଛି, କେତେଜଣ ସ୍ୱାର୍ଥନ୍ୱେଷୀ ତାହା କରାଇ ଦେଉନାହାନ୍ତି । ଖାଲି କାଗଜ ପତ୍ରରେ ହିଁ ସମାଜର କଲ୍ୟାଣ ଚାଲିଛି । ମାସକୁ ମାସ ସରକାରୀ ଦରମାରେ ବାନ୍ଧିହୋଇଥିବା କର୍ମଚାରୀଟିଏ ମାସ ଶେଷରେ ନିଜ ଦରମାର ଏକ ପଞ୍ଚମାଂଶ ସରକାରଙ୍କ ପାଣ୍ଠିକୁ ଆୟକର ଆକାରରେ ଦେଉଥିବା ବେଳେ ସେହି କର୍ମଚାରୀର ଘର ସାମନାରେ ସରକାରୀ ଜମି ଉପରେ କବ୍‌ଜା କରି ଘର କରିଥିବା ଜନୈକ ବ୍ୟକ୍ତିକୁ ସରକାରୀ ଲୋକ ଡାକି ନେଇ ଇନ୍ଦିରା ଆବାସ ଯୋଜନା ନାଁରେ ଘର ଯୋଗାଇ ଦେଉଛନ୍ତି, ଅଥଚ ସାରା ଜୀବନ ସରକାରୀ ଚାକିରୀ କରି କରି ନିଜ ପାଇଁ ଘରଟିଏ କରି ନପାରି ଲୋକଟିଏ ଅକାଳ ବାର୍ଦ୍ଧକ୍ୟ ଭୋଗୁଛି । ଏହା ସବୁ କାହା ନ୍ୟାୟରେ ହେଉଛି ?

ଗରିବ ଗରିବ କହି ଦେଶକୁ ଖାଇଗଲେ, ତଥାପି ଅଣ୍ଟିଲା ନାହିଁ, ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଇଗଲା, ଅଥଚ ସେମାନେ ଉଧେଇଲେ ନାହିଁ, ଆଉ ସେମାନଙ୍କୁ ଉଧେଇବା ପ୍ରୟାସରେ ପାଠ କ୍ଷେତ୍ରରେ ଯେମିତି ଚାକିରି କ୍ଷେତ୍ରରେ ସେମିତି ଆରକ୍ଷଣ ଉପରେ ଆରକ୍ଷଣ ଯୋଡି ଦିଆଗଲା । ଅବସ୍ଥା ଏମିତି ହେଲା ଯେ ବର୍ତ୍ତମାନ ସମସ୍ତ ଜାତି ଆରକ୍ଷଣ ପାଇଁ ଆଗଭର । ଦିନ ଆସିବ ଯେଉଁ ଦୁଇ ତିନୋଟି ଜାତି ବଳକା ରହିଯିବେ, ସେମାନେ ଆଉ ପାଠ ପଢିବାକୁ ସୁଯୋଗ ପାଇବେ ନି କି ଚାକିରି କରିପାରିବେନି । ସଂରକ୍ଷଣ ନାମରେ ଯେଉଁ ଦୟା ବିଗତ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହେଲା ଦିଆ ଚାଲିଛି, ତାହାର ହିସାବ କେହି ରଖିଛନ୍ତି କି ?

ଆଜି ଭରପେଟ ଖାଇଲେ କାଲି ଖାଇବାକୁ ମିଳିବ ନା ନାହିଁ? ଏଇ ଚିନ୍ତା ସମାଜରେ ସମସ୍ତଙ୍କୁ ରହୁଛି । ମୁଷ୍ଟିମେୟ କିଛି ବ୍ୟକ୍ତି ବିଶେଷଙ୍କୁ ଛାଡିଦେଲେ ବାକି ସମସ୍ତେ ଊଣା ଅଧିକେ ଏହି ଭୟରେ ବଞ୍ଚିଛନ୍ତି, ମାତ୍ର ଖାଲି ଜାତି ନ୍ୟାୟରେ କିଛି ଲୋକଙ୍କୁ ହିଁ ସବୁପ୍ରକାର ସୁବିଧା ଯୋଗାଇଦେବା ନିଶ୍ଚୟ ଭାବରେ ଅଣସମ୍ବିଧାନିକ । ଏହି ବିଷୟରେ ଆଗରୁ ଅନେକ ଚର୍ଚ୍ଚା ଆଉ ପରିଚର୍ଚ୍ଚା ହୋଇସାରିଛି । ଆଉ ଯେତେ ଅଧିକ ଚର୍ଚ୍ଚା ହେବ, ସେତେ ନିଜ ଦେହ ଖରାପ କରିବା କଥା ସିନା, ଲାଭ କିଛି ନାହିଁ। ଦେଶରୁ ବୁଦ୍ଧିଜୀବି ମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି, ବୋଲି ଉଚ୍ଚ ମହଲରେ ଚିନ୍ତା ପ୍ରକଟ କରାଯାଉଛି । ହେବନି କିଆଁ? ଯଦି ଏକା ପାଠ ପଢି ସବୁସ୍ତରରେ ସମ୍ମାନର ସହ ଉତ୍ତୀର୍ଣ୍ଣ ହୋଇଥିବା ବିଜ୍ଞ ବ୍ୟକ୍ତିକୁ ଅଣସଂରକ୍ଷିତ କହି ତା'ଠୁ କମ୍ ପଢିଥିବା ବ୍ୟକ୍ତିକୁ ଉଚ୍ଚ ପଦବୀ ଦିଆଯାଏ, ତେବେ ସେ ବ୍ୟକ୍ତି କରିବ କଣ?

ଓଡିଶାରେ ଡାକ୍ତର ସଂଖ୍ୟା ବହୁତ କମ୍। ଏହାର ଅନେକ କାରଣ ଥାଇପାରେ। କିଛି କାରଣ ଅବଶ୍ୟ ଆମେ ଚର୍ଚ୍ଚା କରିପାରିବା। ଯେମିତି ପ୍ରଥମ ଅସୁବିଧା ହେଲା ଓଡିଶା ପରି ରାଜ୍ୟରେ ମାତ୍ର ତିନୋଟି ମେଡିକାଲ୍ କଲେଜ। ଯେଉଁ ସମୟରେ ପଡୋଶୀ ରାଜ୍ୟମାନଙ୍କରେ ଏକା ସମୟରେ ଦଶ କିମ୍ବା ତଦୁର୍ଦ୍ଧ୍ୱ ମେଡିକାଲ୍ କଲେଜ୍ ଅଛି। ପ୍ରତି ବର୍ଷ ତିନିଶହ ଡାକ୍ତର ଏହି ସବୁ କଲେଜ ମାନଙ୍କରୁ ବାହାରନ୍ତି, ଆଉ ଯୁଗ ସହ ତାଳ ଦେଇ ଅନେକ ଉଚ୍ଚ ଶିକ୍ଷାପାଇଁ ଚାକିରି ଜଏନ୍ କରନ୍ତି ନାହିଁ ତ ଆଉ କେତେ ଅଧିକ ଦରମା ପାଇବା ଆଶାରେ ବାହାରକୁ ଚାଲିଯାଆନ୍ତି। ଓଡିଶା ବାହାରେ ଡାକ୍ତର ମାନଙ୍କ ପ୍ରାରମ୍ଭିକ ଦରମା କୋଡିଏ ହଜାର ହେବାକୁ ବସିଲାଣି ଅଥଚ ଓଡିଶା ସରକାରଙ୍କ ଚେତା ପଶୁନି।

ଦ୍ୱିତୀୟ ଅସୁବିଧାଟା ହେଲା ଅଭାବରେ ଚାଲୁଥିବା ସ୍ୱାସ୍ଥ୍ୟ ବିଭାଗ। କୌଣସି ଏକ ଗ୍ରାମାଞ୍ଚଳରେ କାମ କରିବା ପାଇଁ ସାଧାରଣତଃ ଅଧିକ ପାଠ ପଢିଥିବା ଅନେକ ଡାକ୍ତର ଅମଙ୍ଗ ବୋଲି ସରକାର ସବୁବେଳେ ସଫେଇ ଦେଇ ଆସିଛନ୍ତି,

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କିନ୍ତୁ ସେମାନଙ୍କ ଅସୁବିଧା କଥା କେବେ ଚିନ୍ତା କରି ନାହାନ୍ତି । ମୁଖ୍ୟତ: ଡାକ୍ତର ମାନଙ୍କୁ ଗ୍ରାମାଞ୍ଚଳରେ ପୋଷ୍ଟିଂ ଦେଇଦେଲେ କାମ ସରିଲା ବୋଲି ଆମ ମନ୍ତ୍ରୀ ନେତା ଭାବନ୍ତି, ଅଥଚ ଦିନେ କେହି ଭାବନ୍ତି ନାହିଁ, ନିପଟ ମଫସଲରେ ରହି ବିନା ଉପକରଣରେ କାମ କରିବା କେତେ କଷ୍ଟକର । ଆଉ ଯଦି ଡାକ୍ତରଙ୍କ ରହିବା ଖାଇବା ବ୍ୟବସ୍ଥା ନଥାଏ, ତେବେ ଏହି ଅସୁବିଧା ଅଧିକ ହୋଇଯାଏ । ଡାକ୍ତରୀ ପାଠ ପଢୁଥିବା ସମୟରେ ଅନେକ ଡାକ୍ତରୀ ଛାତ୍ର ଛାତ୍ରୀ ବଡ ହସ୍‌ପିଟାଲ୍‌ରେ କାମ କରିବାର ସ୍ୱପ୍ନ ଦେଖନ୍ତି, କିନ୍ତୁ ଯେତେବେଳେ ସେମାନଙ୍କୁ ମଫସଲରେ କର୍ମସଂସ୍ଥାନ ଖୋଜିବାକୁ ପଡେ ଅନେକ ହତୋତ୍ସାହିତ ହୋଇପଡନ୍ତି । ପୁଣି ଏହି ସମସ୍ୟା ଉପରେ ରହୁଛି ଗ୍ରାମାଞ୍ଚଳରେ ବ୍ୟାପ୍ତ କ୍ୱାକ୍ ବା ଅଣପ୍ରଶିକ୍ଷିତ ଡାକ୍ତର ମାନଙ୍କ ପ୍ରାଦୁର୍ଭାବ । ଏଥିପ୍ରତି ସରକାର କେବେ ଦୃଷ୍ଟି ଦେଇନାହାନ୍ତି ।

ପଡିଶା ପଶ୍ଚିମ ବଙ୍ଗ ତଥା କୋଲକାତାରୁ ଅଳ୍ପ କିଛି ଟଙ୍କାଦେଇ ଡାକ୍ତରୀ ଡିଗ୍ରୀ କିଣିବାକୁ ମିଳୁଛି । ପଡୋଶୀ ରାଜ୍ୟର ବେକାର ଯୁବକମାନେ ଏହିପରି ସାର୍ଟିଫିକେଟ୍ ଟିଏ ଧରି ଗାଁ ଗାଁରେ କ୍ଲିନିକ୍ କରି ବସିଛନ୍ତି । ଯେଉଁଠି ରୋଗୀ ଚିକିତ୍ସା ନାଁରେ ଶୋଷଣ ଚାଲିଛି, ସେହି ରୋଗୀ ମାନେ ବଙ୍ଗାଳି ଡାକ୍ତର କହି ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି ଅଥଚ ସରକାରୀ ଡାକ୍ତରଖାନାରେ ପହଞ୍ଚିଗଲେ, ଟଙ୍କାଟିଏ ଖର୍ଚ୍ଚ କରିବାକୁ ଅମଙ୍ଗ ହେଉଛନ୍ତି, ସେ ପୁଣି ଏମିତି ସମୟରେ ଯେତେବେଳେ ରୋଗୀର ଅବସ୍ଥା ଅସମ୍ଭାଳ ହୋଇଯାଏ । ପୁଣି ଡାକ୍ତରଙ୍କ ଅବହେଳା କହି, ଡାକ୍ତରଙ୍କୁ ମାଡ ମାରିବାକୁ ବି ପଛାନ୍ତି ନାହିଁ ।

ଅନ୍ୟ ଏକ ସହଜ ଅଥଚ କେବେ ବି କରାଯାଇ ନଥିବା ବ୍ୟବସ୍ଥା ହେଉଛି, ଯଦି ଡାକ୍ତର ମାନଙ୍କୁ ନିଜ ନିଜ ଜିଲ୍ଲାରେ କିମ୍ବା ଅଞ୍ଚଳରେ ପୋଷ୍ଟିଂ ଦିଆଯାଆନ୍ତା, ସମ୍ଭବତ: ଅନେକ ସମସ୍ୟା ସମାଧାନ ହୋଇ ପାରନ୍ତା । ଯେମିତି ଉପକୂଳ ଅଞ୍ଚଳରୁ ପୋଷ୍ଟିଂ ପାଇ ଯାଇଥିବା ଡାକ୍ତରକୁ 'କଟକୀ' କହି ଅନେକ ପଶ୍ଚିମାଞ୍ଚଳରେ ନ୍ୟୁନ ଦୃଷ୍ଟିରେ ଦେଖନ୍ତି । ଏଣୁ ସଂପୃକ୍ତ ଅଞ୍ଚଳରେ ନିଜ ପରିବାର ଧରି ରହିବାର ସୁସାହାସ କେହି ବି କରିପାରନ୍ତି ନାହିଁ । ପୁଣି ଗୋଟିଏ ଗୋଟିଏ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନେକ ବର୍ଷ ଧରି ରହିଥିବା ଫାର୍ମାସିଷ୍ଟ ମାନେ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ବାହା ବା ଲୁଟିବାରେ ବ୍ୟସ୍ତ । ଅଥଚ ସେହି ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂଆ ପୋଷ୍ଟିଂ ହୋଇଥିବା ଯୁବ ଡାକ୍ତରଙ୍କୁ ଲୋକଙ୍କ ସାମନାରେ ପରିଚିତ କରାଇବାକୁ ପଛାନ୍ତି ଏହି ବ୍ୟକ୍ତିମାନେ । ଯଦି ସମ୍ବଲପୁର ଅଞ୍ଚଳର ଡାକ୍ତରଙ୍କୁ ସମ୍ବଲପୁର କିମ୍ବା ପାଖଆଖରେ ପୋଷ୍ଟିଂ ଦିଆଯାଆନ୍ତା, ଭାଷାଗତ ସମସ୍ୟା ରହନ୍ତା ନାହିଁ, ଆଉ ଲୋକମାନଙ୍କୁ ବୁଝାଇବାକୁ ସହଜ ହୁଅନ୍ତା । କିନ୍ତୁ କଟକ ଓ ବ୍ରହ୍ମପୁର ପରି ସ୍ଥାନରେ ଥିବା ଡାକ୍ତରମାନେ ନିଜ ଅଞ୍ଚଳକୁ ଯିବାକୁ ଅମଙ୍ଗ । ଆଉ ଏଇଥିପାଇଁ ମୋଟା ଅଙ୍କର ହାତଗୁଞ୍ଜା ଦିଆଯାଇଥିବା କଥା ସର୍ବଜନ ବିଦିତ ।

ଚଳିତ ବର୍ଷ ସରକାର ଏକ ନୂତନ ନିୟମକୁ ଆଗକୁ ରଖି ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଜଏନ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାହା ହେଲା ଏମ୍‌ବିବିଏସ୍ ପାଠ୍ୟକ୍ରମ ସମାପ୍ତ ହେବାପରେ ପ୍ରତ୍ୟେକ ଛାତ୍ରଛାତ୍ରୀ ପାଞ୍ଚବର୍ଷ ପାଇଁ ଓଡିଶାରେ ଚାକିରି କାରିବାକୁ ବାଧ୍ୟ ହେବେ । ଏହାର ଅଗ୍ରାହ୍ୟରେ ସେ ୧୮ ଲକ୍ଷ ଟଙ୍କା ସରକାରଙ୍କୁ କ୍ଷତିପୂରଣ ଦେବେ । ଏହି ନିୟମକୁ ନେଇ ରାଜନୈତିକ ବାତାବରଣ ସରଗରମ ହେଲାଣି । କେହି କେହି ଏହାକୁ ସରକାରଙ୍କ ପ୍ରାଇଭେଟ୍ ମେଡିକାଲ୍ କଲେଜ୍ ମାନଙ୍କୁ ପରୋକ୍ଷ ପ୍ରୋତ୍ସାହନ ବୋଲି ମଧ୍ୟ କହିବାକୁ ଆରମ୍ଭ କଲେଣି । ଏଠାରେ ପ୍ରଶ୍ନ କରାଯିବା ଉଚିତ୍, ଏହି ନିୟମ ଦ୍ୱାରା କୌଣସି ଡାକ୍ତର ହତୋତ୍ସାହିତ ହେବା ଉଚିତ କି? ସରକାରୀ ପଇସାରେ ଡାକ୍ତରୀ ପାଠ ପଢିବାବେଳେ ଚିନ୍ତା କରିଛନ୍ତି କି, ଯେ ହାତଗଣତି ବେସରକାରୀ ମେଡିକାଲ୍ କଲେଜ ଡାକ୍ତରୀ ପାଠ୍ୟକ୍ରମ ପାଇଁ ପଚିଶି ତିରିଶି ଲକ୍ଷ କାହିଁକି ନେଉଛନ୍ତି? ଆଉ ଯେଉଁମାନେ କହୁଛନ୍ତି ଯେ ଏହି ନୀତି ଦ୍ୱାରା ପ୍ରାଇଭେଟ୍ କଲେଜ ସବୁ ଲାଭବାନ ହେବେ, ସେମାନେ ଭୁଲିଯାଉଛନ୍ତି, ଯେ ଯଦି ଜଣେ ଏମ୍‌ବିବିଏସ୍ ପାଠ ପଢିସାରିବା ପରେ ସରକାରଙ୍କୁ ୧୮ ଲକ୍ଷ ଦେଇପାରିବ ନାହିଁ, ସେ ବର୍ତ୍ତମାନରେ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

୨୫ ଲକ୍ଷ ଆଣିବ କୋଉଠୁ? ଏହି ନୀତି ଏକ ଜନସ୍ୱାର୍ଥକର ନୀତି, ଏବଂ ଏହାର ପ୍ରଣୟନ ହେଲେ ଅନେକାଂଶରେ ଓଡିଶାର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା। କିନ୍ତୁ, ଏହା ପ୍ରଣୟନ କଲା ବେଳେ, ଉପରେ ଦିଆଯାଇଥିବା ସମସ୍ତ ବିଷୟରେ ସରକାର ଚିନ୍ତା କରିଲେ ଅଧିକ ଭଲ ହୁଅନ୍ତା।

ସମସ୍ୟାର ଘର ଓଡିଶା, କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରତ୍ୟେକ ସମୟରେ ଓଡିଶାରେ ସମସ୍ୟାର ଅନ୍ତନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ୟା, ଶିକ୍ଷା କ୍ଷେତ୍ରରେ ବି ଆଉ ସୁରକ୍ଷା କ୍ଷେତ୍ରରେ ବି। ଅବଶ୍ୟ ବେସରକାରୀ ସଂସ୍ଥାମାନଙ୍କ ଆଗମନ ଦ୍ୱାରା ଶିକ୍ଷା ସମସ୍ୟା ବହୁ ଅଂଶରେ କମିଯାଇଛି। କିନ୍ତୁ ତଥାପି ଏହି ବିଭାଗ ଉପରେ ଦୃଷ୍ଟି ରଖିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ଓଡିଶାରୁ ଅଧିକାଂଶ ଇଞ୍ଜିନିୟର ବାଙ୍ଗାଲୋର, ପୁନେ, ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଉଚ୍ଚ ପଦବୀରେ ପ୍ରତିଷ୍ଠିତ ହେବା ନିଶ୍ଚିତଭାବରେ ଏକ ସୁଖଦ ସମ୍ବାଦ। କିନ୍ତୁ ଏହି ପ୍ରଥା ଆଗକୁ ମଧ୍ୟ ଏହିପରି ବଜାୟ ରହିଲେ ଆହୁରି ଭଲ ହୁଅନ୍ତା, ସେ ଯା'ହେଉ ବର୍ତ୍ତମାନ ପାଇଁ ଉଚ୍ଚ ଶିକ୍ଷା ନିମନ୍ତେ ଓଡିଶାର ବାତାବରଣ ଅତ୍ୟନ୍ତ ଆକର୍ଷକ ବୋଲି ଅନେକ ବିଜ୍ଞବ୍ୟକ୍ତି ମତ ଦିଅନ୍ତି।

ସୁରକ୍ଷା କ୍ଷେତ୍ରରେ ଓଡିଶା ପଛୁଆ, ବୋଲି ଅନେକ ମତ ଦିଅନ୍ତି, ଏବଂ ସଦ୍ୟ ସମାପିତ ବିଧାନସଭା ସର୍ବଦଳୀୟ କମିଟି ରିପୋର୍ଟରେ ବି ସେହି ଏକା କଥା ଉଲ୍ଲେଖ କରାଯାଇଛି। କିନ୍ତୁ ଏହି ସମସ୍ୟାର ଅନ୍ତ ହେଲାଭଳି ଦିଶୁନି। ପ୍ରଥମତ: ଓଡିଶାର ଭୌଗଳିକ ସ୍ଥିତି ଏହାର ପ୍ରତିରକ୍ଷାକୁ ଦୁର୍ବଳ କରିଦେଉଛି, ଏହା ଉପରେ ଅତ୍ୟାଧୁନିକ କୌଶଳର ଅଭାବ ଓଡିଶାର ସୁରକ୍ଷାବଳକୁ ସୁରକ୍ଷା ଯୋଗାଇ ଦେବାପାଇଁ ନାକାମ ହେଉଛି। ଓଡିଶାର ଦକ୍ଷିଣ-ପଶ୍ଚିମାଞ୍ଚଳ ସଂପ୍ରତି ଉଗ୍ରପନ୍ଥୀମାନଙ୍କ ଆଡ୍ଡା ସ୍ଥଳି ହୋଇଛି, ଏହା ସମସ୍ତେ ଜାଣନ୍ତି, କିନ୍ତୁ ଏହାର ପ୍ରତିକାର ନାହିଁ। ପ୍ରଥମତ: ଏହି ସବୁ ଅଞ୍ଚଳ ଘନ ଅରଣ୍ୟରେ ପରିବେଷ୍ଟିତ, ଏବଂ ଏହି ସମସ୍ତ ଅଞ୍ଚଳର ଅଧିବାସୀ ମାନେ ଉଣା ଅଧିକେ ଆଦିବାସୀ ଓ ଅନୁନ୍ନତ, ଯେଉଁମାନଙ୍କୁ ଉଗ୍ରପନ୍ଥୀମାନେ ସହଜରେ ଭୟଭୀତ କରାଇ ନିଜ ମନସା ପୂରଣ କରାଇ ପାରୁଛନ୍ତି। ଆଦିବାସୀମାନଙ୍କୁ ଶୋଷଣରୁ ମୁକ୍ତି ନାଁରେ ଗାଁ ଗାଁରେ ଠିକାଦାର ମାନଙ୍କୁ ହତ୍ୟା କରିବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏଥି ପାଇଁ ସରକାରଙ୍କୁ ଦାୟୀ କରିବା ଠିକ୍ ହେବନି। ଅବଶ୍ୟ ବିଭିନ୍ନ ଅଞ୍ଚଳର ଉନ୍ନୟନ ହେଲେ ସଂପୃକ୍ତ ଅଞ୍ଚଳର ଅଧିବାସୀ ମାନେ ସରକାରଙ୍କ ଉପରେ ଭରସା କରନ୍ତେ, କିନ୍ତୁ ବନ୍ଧୁକର ମୂନ ଆଗରେ ଏହିପରି ଭରସାର କିଛି ମାନେ ନାହିଁ।

ଅତ୍ୟାଧୁନିକ ରଣକୌଶଳରେ ତାଲିମ୍ ପ୍ରାପ୍ତ ଉଗ୍ରପନ୍ଥୀମାନେ ସାଧାରଣ ମନୁଷ୍ୟମାନଙ୍କଠାରୁ ଅଲଗା ନୁହନ୍ତୁ, ତେଣୁ ସେମାନଙ୍କୁ ଧରିବା ସହଜ ସାଧ୍ୟ ନୁହେଁ। ଦ୍ୱିତୀୟତ: ଉଗ୍ରପନ୍ଥୀମାନଙ୍କ ପ୍ରତି ଭୟ ହେଉ ଅବା ସହାନୁଭୁତି, କୌଣସି ସାଧାରଣ ଲୋକ କେବେ ବି ସରକାରୀ କର୍ମଚାରୀଙ୍କ ଆଗରେ ଆସି କହିବ ନାହିଁ ଉଗ୍ରପନ୍ଥୀଙ୍କ ବିଷୟରେ। ଏହି ପରି ଅବସ୍ଥାରେ ଉଗ୍ରପନ୍ଥୀଙ୍କୁ ମୁକାବିଲା କରିବାପାଇଁ ଓଡିଶା ସରକାରଙ୍କ ପୁଲିସ୍ ବିଭାଗ କେତେ ତତ୍ପର ତାହା ପେଣ୍ଡୁଭଳିଆ ପେଟ ଝୁଲାଇଥିବା ପୁଲିସ୍ କନ୍ଷ୍ଟେବଲ୍କୁ ଦେଖିଲେ ଆପେ ଜଣା ପଡିଯାଏ। ହାତରେ ଚାରିଫୁଟର କାଠଖଣ୍ଡେ ଧରାଇ କିମ୍ବା ଅଧିକରୁ ଅଧିକ ୩୦୩ ରାଇଫଲ୍ ଟିଏ ଧରାଇଦେଲେ ଜଣେ ଜେମ୍ସ ବଣ୍ଡ୍ ହୋଇ ଯାଏନି। ଯେତେବେଳେ ଉଗ୍ରପନ୍ଥୀଙ୍କ ସାମନା ହୁଏ, ରାଇଫଲ୍ରେ ଗୁଳି ଭର୍ତ୍ତିକରିବା ପାଇଁ ସମୟ ବି ମିଳେନି, ସେହି ପରି ପରିସ୍ଥିତିରେ ଓଡିଶା ପୁଲିସକୁ ହତୋତ୍ସାହିତ କରିବା ଅନୁଚିତ। ଉଗ୍ରପନ୍ଥୀମାନେ ଆଦିବାସୀ ସଂପ୍ରଦାୟର ସେମାନେ ଜଙ୍ଗଲକୁ ଭଲଭାବରେ ଜାଣନ୍ତି, ତେଣୁ ସେମାନେ ସହଜରେ ଜଙ୍ଗଲରେ ଲୁଚିଯାଇ ପାରନ୍ତି, କିନ୍ତୁ ପୁଲିସ୍ ହେଉ ବା ଅର୍ଦ୍ଧସାମରିକ ବଳ ପ୍ରତ୍ୟେକେ ଏହି କ୍ଷେତ୍ରରେ ଅଣକୁଶଳୀ।

ଅପରାଧ ରୋକିବାରେ ଓଡିଶା ସରକାର ବିଫଳ। କହିବାକୁ କଥାଟା ସହଜ ଲାଗୁ ଥାଇପାରେ, ହେଲେ ଭାବି ଦେଖନ୍ତୁ, ସରକାର କେବେ ବି ଅପରାଧକୁ ପ୍ରୋତ୍ସାହନ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଦେଇଛନ୍ତି କି? ବିହାର ଓ ଝାଡଖଣ୍ଡ ପରି ରାଜ୍ୟ ରାଜନୀତିରେ ଦିମୁହାଁ ନୀତି ଓଡିଶାରେ ପ୍ରଚଳିତ ଥିବାର ନଜିର ନାହିଁ। ଓଡିଶାର ରାଜନେତା ସମଗ୍ର ଦେଶରେ ଥିବା ରାଜନେତାଙ୍କ ତୁଳନାରେ ଅଧିକ ସ୍ୱଷ୍ଟ, ସ୍ୱଚ୍ଛ ଓ ନିସ୍ୱାର୍ଥପର ଏଥିରେ ଦୋରାୟ୍ ନାହିଁ। ଅବଶ୍ୟ କିଛି ନେତା ଥାଇପାରନ୍ତି, ସବୁ ଆଙ୍ଗୁଠି ତ ସମାନ ନୁହେଁ ନା! କିନ୍ତୁ ଦେଖିବାକୁ ଗଲେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟ ରାଜନୀତି କୌଣସି ବାଡ ପାରିକରୁନି। ତେବେ ଅପରାଧ ହେଉଛି କାହିଁକି? ଏହାର କାରଣ ହେଉଛେ ଆମେ। ମୋର ମନେ ପଡୁଛି, ଥରେ କଲେଜ୍‌ରେ ପଢୁଥିବା ସମୟ୍ର ଏକ ଘଟଣା। ମୋର ଜନୈକ ବନ୍ଧୁ ଯେ କି ସନ୍ଧ୍ୟା ଆଠଟା ବେଳେ ଘରକୁ ଯାଉଥିଲେ, ସାମନାରୁ ଦୁଇଜଣ ବ୍ୟକ୍ତି ଆସି ବିନା କାରଣରେ ଖଣ୍ଡାରେ ତାଙ୍କୁ ଆଘାତ କରି ଦଉଡି ପଳାଇଗଲେ। ଏହାପରେ କଲେଜ୍ ଛାତ୍ରସଂଘ ତରଫରୁ ପୁଲିସ୍ ମହକମାକୁ ଘେରାଉ କଲାବେଳେ ତତ୍‌କାଳୀନ ବ୍ରହ୍ମପୁର ଏସ୍‌ପି ଯାହା ସଫେଇଦେଲେ, ତାହା ଆଶ୍ଚର୍ଯ୍ୟଜନକ ଥିଲା। ତାଙ୍କରି ଶବ୍ଦରେ;

ବ୍ରହ୍ମପୁରର ଜନସଂଖ୍ୟା ପାଖାପାଖି ଚାରି ଲକ୍ଷ। ଆଉ ଏଥିରେ ଯୁବକ ମାନଙ୍କ ସଂଖ୍ୟା ପାଖାପାଖି ୨୦ରୁ ୪୦ ହଜାର। ସେଥିରୁ ହାରାହାରି ଯଦି ୫୦ଞ୍ଜ ପିଲା ବି କାମ କରୁଥାନ୍ତି ତାହେଲେ ବି ଅଧାରୁ ଅଧିକ ବେକାର, ସେମାନେ ଆଉ କରିବେ କଣ? ଅନ୍ଧାର ରାସ୍ତାରେ ଯାଉଥିଲେ ଆପଣଙ୍କ ମୋଟର ସାଇକେଲ୍ ଛଡେଇ ନେବେ। ହେଲେ ସେମାନେ ଡକାୟତ ନୁହନ୍ତି, କାରଣ ଏହି ଯୁବକ ମାନେ ମୋଟର ସାଇକେଲ୍ ଚୋରୀ କରି ସାଙ୍ଗ ସାଥୀଙ୍କ ସହ ମିଶି ବ୍ରହ୍ମପୁର ଉପକଣ୍ଠରେ ଥିବା ଇଛାପୁର କିମ୍ବା ବାଲୁଗାଁ ଆଦି ଯାଗାକୁ ଯାଇ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବେ ଆଉ ଦୁଇ ଚାରିଦିନରେ ଘରକୁ ଫେରିଆସିବେ। ଆସିଲା ବେଳେ ସେହି ମୋଟର ସାଇକେଲ୍‌କୁ କାହାକୁ ବିକି ଆସିବେ ନଚେତ୍ ରାସ୍ତାରେ ଫୋପାଡି ଆସିବେ। ଘରେ ଅଭାବ ଦେଖି ସ୍ୱଭାବ ନଷ୍ଟ କରିବା ଛଡା ଏମାନଙ୍କ ଆଉ କିଛି କାମ ଅଛି?'

ସତ କଥା ଦେଖିବାକୁ ଗଲେ ଏସ୍‌ପି ସାହେବ୍‌ଙ୍କ କଥାରେ ସତ୍ୟତା ରହିଛି। ଯିଏ ପଡିଲା ସିଏ ଜୀବନ ଗଢିଲା ଆଉ ଯିଏ ନ ପଢି ଘରେ ବସିଲା, ସେ ଦୁନିଆକୁ ଧ୍ୱଂସ କରିବାକୁ ବାହାରି ପଡିଲା। ଏଇ ପରିସ୍ଥିତିରେ ସରକାର କରିବେ କଣ? ଏଥିରେ ସରକାରଙ୍କ ଦୋଷ ରହିଲା କେଉଁଠି? ସରକାରତ ସମସ୍ତଙ୍କ ପାଇଁ ସମାନ ନୀତି ପ୍ରଣୟନ କରିଛନ୍ତି, ସବୁସ୍ଥାନରେ ସ୍କୁଲ୍ କଲେଜ୍ ଖୋଲିଛନ୍ତି। ପିଲାଏ ଯଦି ସ୍କୁଲ୍ ପାଠ ନ ପଢିଲେ ସରକାର କରିବେ କଣ? ଘର ଘର ବୁଲି ସ୍କୁଲ୍‌କୁ ଟାଣି ଆଣିବା ଶକ୍ତି ଥାଇ ବି ରାଜନୀତିରେ ଏ ପ୍ରକାର ନୀତିକୁ ପ୍ରଣୟନ କରିବାର ଶକ୍ତି କାହାର ଅଛି। ଅଧାରୁ ଅଧିକ ପିଲା ପାଞ୍ଚ ଶ୍ରେଣୀ ପୂର୍ବରୁ ହିଁ ସ୍କୁଲ୍ ଛାଡୁଛନ୍ତି କହି ପାଞ୍ଚ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପିଲାକୁ ସ୍କୁଲ୍‌ରେ ଫେଲ୍ କରାଯିବ ନାହିଁ କହିଦିଆଗଲା, ତଥାପି କେତେ ପିଲା ସ୍କୁଲ୍‌କୁ ଆସୁଛନ୍ତି? ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଗଲା ଏଇଥି ପାଇଁ ଯେ, ଏହା ଦ୍ୱାରା କେବଳ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ହିଁ ଦିଆଯିବ ନାହିଁ, ବରଂ ଏହା ଦ୍ୱାରା ଅନେକ ପିଲା ସ୍କୁଲ୍‌କୁ ଆସିବେ। ଏବେ କୁହାଯାଉଛି, ମଧ୍ୟାହ୍ନ ଭୋଜନରେ ଦିଆଯାଉଥିବା ଖାଦ୍ୟ ନିମ୍ନ ମାନର। ଓଡିଆରେ କଥାଟିଏ ଅଛି, 'ନାହିଁ ମାମୁଁଠାରୁ କଣା ମାମୁଁ ଭଲ'। ଯେଉଁ ଗରିବ ବର୍ଗରେ ବିଦ୍ୟାର୍ଥୀମାନେ ଦିନରେ ଓଳିଏ ଖାଇବାକୁ ପାଉନଥିଲେ, ଅନ୍ତତଃ ଏହି ବ୍ୟବସ୍ଥାଦ୍ୱାରା ମଧ୍ୟାହ୍ନରେ ସାମାନ୍ୟ କିଛି ତ ଖାଇବାକୁ ପାଉଛନ୍ତି, କଣ ଏହା କିଛି ମୂଲ୍ୟ ନାହିଁ। ପେଟରେ ଦାନା ପଡିଲେ ତ ଅନ୍ୟ କଛି ସମ୍ଭବ ହେବ?

ଯାହା ଚାଲିଛି, ଚାଲିବାକୁ ଦିଅ, ଯାହା ହୋଇନି କରାଇ ଦିଅନି। ଏଇ ନ୍ୟାୟ୍‌ରେ ଆମର ବିରୋଧୀ ଦଳମାନେ ସରକାରଙ୍କୁ ପଛରୁ ଟାଣିବାକୁ ଚେଷ୍ଟା ସିନା କରୁଛନ୍ତି, କିନ୍ତୁ ସରକାରଙ୍କ ଉଚିତ ପଦକ୍ଷେପକୁ ସ୍ୱାଗତ କଲାଭଳି ସତ୍‌ସାହାସ କୌଣସି ନେତାଙ୍କ ଠାରେ ନାହିଁ। ରାଜ୍ୟର ଉନ୍ନତି ପାଇଁ ତତ୍‌କାଳୀନ ସରକାର ଗୋପାଳପୁର ବନ୍ଦର ଉନ୍ନୟନ ସାଙ୍ଗକୁ ଟାଟାର କାରଖାନା ଖୋଲିବା ପାଇଁ ଯୋଜନା କରିଗଲେ, ଅଥଚ ମୁଷ୍ଟିମେୟ ନେତା ଓ ରାଜନୀତିଜ୍ଞ ନିଜର ବଡ ପଣିଆ

ଦ୍ୱିତୀୟ ବର୍ଷ
ଷଷ୍ଠ ସଂଖ୍ୟା
Vol: 2 Issue: 6
July, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଦେଖାଇବା ପାଇଁ ଚଳିତ କିଆଫୁଲ ବ୍ୟବସାୟ୍ରେ ବାଧା ଉପୁଜିବ କହି ଟାଟାର କାରଖାନା କରାଇ ଦେଲେ ନାହିଁ। ଏହା ଦ୍ୱାରା ଲାଭ କଣ ହେଲା? ଗୋଟିଏ ମହାବାତ୍ୟା ଆସିଲା ଉପକୂଳ ଅଞ୍ଚଳର ସମସ୍ତ କିଆଫୁଲ ବ୍ୟବସାୟ୍କୁ ଡେର କରିଦେଇ ଚାଲିଗଲା। ଏବେ ସାଧାରଣ ଲୋକେ କରିବେ କଣ? ସେହି ରାଜନେତା ମାନଙ୍କ ଦର୍ଶନ ନାହିଁ କି ସେମାନଙ୍କ ପ୍ରଶ୍ନର ଉତ୍ତର ବି ନାହିଁ। ହୁଅନ୍ତା ବା କୁଆଡୁ? ନିଜ ଲାଜରେ ନିଜେ ମୁଣ୍ଡ ପୋତି କବାଟକିଳି ରହିଛନ୍ତି।

ଟାଟାର କାରଖାନା ଟିଏ ହୋଇଥିଲେ, ଏହି ଅଞ୍ଚଳର ଯାହା ବିକାଶ ହୋଇଥାନ୍ତା, ସେଥିରେ କଣ ଆମ ଲୋକମାନେ ଲାଭବାନ ହୋଇନଥାତେ? ପ୍ରତ୍ୟକ୍ଷ ଭାବରେ ନ ହେଲେ ବି ପରୋକ୍ଷ ଭାବରେ ଊଣାଧିକେ ସମସ୍ତଙ୍କୁ ରୋଜଗାରର ପନ୍ଥା ମିଳିଥାଆନ୍ତା। ରାସ୍ତାଘାଟର ଅବସ୍ଥା ସୁଧୁରି ଯାଆନ୍ତା। ରାଜଗାଙ୍ଗପୁର - ସମ୍ବଲପୁର - ରାଉରକେଲା ରାସ୍ତା ଦେଖିଥିବା ଯେକୌଣସି ଭଦ୍ରବ୍ୟକ୍ତି ଏହି ପ୍ରଶ୍ନକୁ ସଠିକ ଉତ୍ତର ଦେଇ ପାରିବେ। ଏବେ ରାଜନୀତି ଚାଲିଛି ପୋସ୍କୋକୁ ନେଇ। ଜନୈକ ଭଦ୍ରବ୍ୟକ୍ତି ସମ୍ବାଦପତ୍ର ଆଳରେ ପ୍ରଶ୍ନ କରିଛନ୍ତି, ଯେ ରାଜ୍ୟର ରାଜପଥର ନାମ ପୋସ୍କୋ ରାଜପଥ କାହିଁକି ରଖାଯାଉଛି? ପୋସ୍କୋ ଏହାପାଇଁ କଣ କରୁଛି? ସେହି ଭଦ୍ରବ୍ୟକ୍ତିଙ୍କୁ କୁହାଯାଉ ଯେ ରାଜ୍ୟର ଏକ ସଡକ ନିଜ ନାମରେ ନାମିତ କରାଇବା କଥା, ସାଙ୍ଗେ ସାଙ୍ଗେ ରଙ୍ଗ ବଦଳିଯିବ।

ଯେଉଁ ଶିଳ୍ପ ସଂସ୍ଥାଦ୍ୱାରା ଆମର ଲାଭହେବ, ତାହାକୁ ପ୍ରୋତ୍ସାହନ ଦେବା ତ ଦୂରର କଥା, ତାକୁ ନେଇ ତୁଛ ରାଜନୀତି କରିବାକୁ ବି ପଛାଉ ନାହାନ୍ତି। ଧନ୍ୟ ଆମେ ଓଡିଆ।

---

ଆହ୍ୱାନର ଏହି ମାସିକ ଇ-ପତ୍ରିକାରେ ଦିଅନ୍ତୁ ବିଜ୍ଞାପନ ଏବ ସହଜରେ ବିଶ୍ୱ ଓଡିଆ ଦରବାରରେ ପହଞ୍ଚିବାର ସୁଯୋଗ ପାଆନ୍ତୁ। ଏହି ପତ୍ରିକା ବ୍ୟତୀତ ଆପଣ ଆମର ୱେବ୍‌ସାଇଟ୍‌ରେ ମଧ୍ୟ ବିଜ୍ଞାପନ ଦେଇ ପାରିବେ। ଏଥିପାଇଁ ଆମ ୱେବ୍‌ସାଇଟ୍‌ର ବିଜ୍ଞାପନ ପୃଷ୍ଠା ଅବଶ୍ୟ ଦେଖନ୍ତୁ। http://aahwaan.5gbfree.com/adwu.html

Please help us serve you better, please advertise with us and reach the Global Odia Community. Each month our website is visited by hundreds of Odia people from all over the world and they download the latest issue of this magazine “Aahwaan”. This magazine can provide you a better medium to propagate your own message. Trust us and send your advertisements on this e-Magazine as well as our website. The download page of our website is visited by thousands of readers of Aahwaan, every month and we provide space for advertisements in the page at cheap rates. Please visit our website for the Tariff card and other details: http://aahwaan.5gbfree.com/adwu.html Here we provide you the rates for putting ads on this magazine.

| | |
|---|---|
| *Small Column (Example: Page 9):* | Rs 300.00 |
| *Small Column (Example: Page 14):* | Rs 400.00 |
| *Quarter Page:* | Rs 700.00 |
| *Half Page:* | Rs 1200.00 |
| *Full Page:* | Rs 2500.00 |
| *Banner at top: (Example: Page 16)* | Rs 500.00 |

Please Support us. The revenue generated by putting ads in the magazine will help make this magazine much more attractive, better and with more interesting articles from renowned writers. We can also improve our website, by buying our own webspace and name. Please help us.

---

ଆମ ସହ ଯୋଗାଯୋଗର ଠିକଣା:

ଡା ଜ୍ୟୋତି ପ୍ରସାଦ ପଟନାୟକ,
ଏମ୍‌ବିବିଏସ୍, ଡିଏମ୍‌ସିଏଚ୍
ସଂପାଦକ, ‘ଆହ୍ୱାନ’
ବୀମା ନଗର, ଆମ୍ବପୁଆ ମେଇନ୍‌ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ୍: ୦୬୮୦-୩୨୯୬୫୩୨ / ୨୪୦୪୧୭୦
ମୋବାଇଲ: ୯୮୬୧୯୬୨୧୬୦